# ଅଧ୍ୟାୟ 2

# ମାନବ ସମ୍ବଳ

ରାଜ୍ୟର ଡାକ୍ତରଖାନା ଗୁଡ଼ିକରେ ଉପଲବ୍ଧ ମାନବ ସମ୍ବଳ, ଆଇପିଏଚ୍ଏସ୍ ମାନଦଣ୍ଡ ଅନୁସାରେ ନଥିଲା । ସିଏଚ୍ସିରେ ବିଶେଷଜ୍ଞଙ୍କ ଉପଲବ୍ଧତା ଏବଂ ଆବଶ୍ୟକତା ମଧ୍ୟରେ ବହୁତ ଫରକ ଥିଲା । ଆହୁରି ମଧ୍ୟ, ଡାକ୍ତରଖାନା ଗୁଡ଼ିକରେ ଷ୍ଟାଫ୍ ନର୍ସ ଏବଂ ପାରାମେଡିକ୍ସରେ ଉଲ୍ଲେଖନୀୟ ଅଭାବ ଦେଖାଦେଇଥିଲା । ଅନୁମୋଦିତ ସଂଖ୍ୟକ ଓ କିମ୍ବା/ ଆଇପିଏଚ୍ଏସ୍ ଅନୁଯାୟୀ ଲାବୋରେଟୋରୀ ଟେକ୍ନିସିଆନମାନେ ନିୟୋଜିତ ହୋଇନଥିବା ଡାକ୍ତରଖାନା ଗୁଡ଼ିକରେ ପାଥୋଲୋଜିକାଲ୍ ଅନୁସନ୍ଧାନରେ ବାଧା ସୃଷ୍ଟି ହୋଇଥିଲା । ଅଭାବୀ ଶକ୍ତିର ସର୍ବୋଚ୍ଚ ଉପଯୋଗ ନିଶ୍ଚିତ କରିବା ପାଇଁ ଡାକ୍ତରୀ କର୍ମଚାରୀଙ୍କ ନିୟୋଜନ ସଂଖ୍ୟା ଉପଯୁକ୍ତ ନଥିଲା ।

ମେଡିକାଲ କଲେଜ ହସ୍ପିଟାଲରେ ମାନବ ସମ୍ବଳର ଅଭାବ ଡାକ୍ତରୀ ଶିକ୍ଷା ଏବଂ ଅନୁସନ୍ଧାନ କାର୍ଯ୍ୟରେ ବାଧା ସୃଷ୍ଟି କରିଥିଲା ଏବଂ ତୃତୀୟ ସ୍ତରୀୟ ସ୍ୱାସ୍ଥ୍ୟସେବାର ଗୁଣବତ୍ତାରେ ବୁଝାମଣା କରାଯାଇଥିଲା ।

## 2. ମାନବ ସମ୍ବଳର ପର୍ଯ୍ୟାପ୍ତତା

ଏକ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାର ପ୍ରଭାବୀ ଏବଂ ଦକ୍ଷ କାର୍ଯ୍ୟକାରିତା ପାଇଁ ପର୍ଯ୍ୟାପ୍ତ ମାନବ ସମ୍ବଳ ଯୋଗାଇ ଦିଆଯିବା ଆବଶ୍ୟକ । କର୍ମଚାରୀଙ୍କ ସଂଖ୍ୟା ଏବଂ ପ୍ରକାର, ଯେପରି ବିଶେଷଜ୍ଞ ଡାକ୍ତର, ସ୍ୱାସ୍ଥ୍ୟ ଅଧିକାରୀ, ନର୍ସ, ବୃତ୍ତିଗତ ସ୍ୱାସ୍ଥ୍ୟ ସହଯୋଗୀ ତଥା ପ୍ରଶାସନିକ ସହାୟତା କର୍ମଚାରୀଙ୍କ ଆବଶ୍ୟକତା ଆଇପିଏଚ୍ଏସ୍‌ରେ ଉଲ୍ଲେଖିତ ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର (ଡବ୍ଲୁଏଚ୍ଓ) ମାନକ ଅନୁଯାୟୀ ଡାକ୍ତର ଓ ଜନସଂଖ୍ୟା ଅନୁପାତ 1:1,000 ବିପକ୍ଷରେ ଓଡ଼ିଶାରେ ଡାକ୍ତର ଓ ଜନସଂଖ୍ୟାର[3] ଅନୁପାତ 1:1,622[4] । ଷ୍ଟାଫ୍ ନର୍ସମାନଙ୍କ[5] କ୍ଷେତ୍ରରେ, 300 ଜନସଂଖ୍ୟା ପାଇଁ ଜଣେ ନର୍ସର ମାନଦଣ୍ଡ ବିପକ୍ଷରେ ଅନୁପାତ 1:3, 829, ଥିଲା ।

## 2.1 ରାଜ୍ୟର ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନଗୁଡ଼ିକରେ ମାନବ ସମ୍ବଳର ଉପଲବ୍ଧତା

ସମୀକ୍ଷାରୁ ଦେଖାଗଲା ଯେ, ସମଗ୍ର ରାଜ୍ୟରେ ଡାକ୍ତର, ନର୍ସ ଏବଂ ପାରାମେଡିକସର ଘୋର ଅଭାବ ରହିଛି । ରାଜ୍ୟରେ ମାର୍ଚ୍ଚ 2022 ସୁଦ୍ଧା, ସ୍ୱାସ୍ଥ୍ୟସେବାରେ ଥିବା ବ୍ୟକ୍ତିଙ୍କ, ତୁଳନାରେ ମଞ୍ଜୁରୀପ୍ରାପ୍ତ ବ୍ୟକ୍ତିଙ୍କ ସହିତ ଅନୁମୋଦିତ କର୍ମଚାରୀ ସଂଖ୍ୟାର ସବିଶେଷ ତଥ୍ୟ **ଚାର୍ଟ 2.1** ରେ ଦର୍ଶାଯାଇଛି ।

---

3 ଅର୍ଥନୈତିକ ସର୍ଭେ 2021-22 ଅନୁଯାୟୀ ଜନସଂଖ୍ୟା, ଓଡ଼ିଶା ସରକାର

4 31 ମାର୍ଚ୍ଚ 2022 ସୁଦ୍ଧା ଓଡ଼ିଶା କାଉନସିଲ୍ ଅଫ୍ ମେଡିକାଲ ରେଜିଷ୍ଟ୍ରେସନ ଅଧିନରେ ପଞ୍ଜୀକୃତ ହୋଇଥିବା ମୋଟ ଆଲୋପ୍ୟାଥିକ୍ ଡାକ୍ତରମାନଙ୍କୁ ବିଚାରକୁ ନେଇ

5 ଓଡ଼ିଶାର ନର୍ସିଂ ନିର୍ଦ୍ଦେଶକଙ୍କ ଦ୍ୱାରା ଦିଆଯାଇଥିବା ତଥ୍ୟ

ଚାର୍ଟ **2.2:** ମଞ୍ଜୁରୀ ପ୍ରାପ୍ତ ସଂଖ୍ୟା ଏବଂ କାର୍ଯ୍ୟରତ କର୍ମଚାରୀ ସଂଖ୍ୟା




*(ଉତ୍ସ: ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ, ଓଡ଼ିଶା ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟ)*

ଚାର୍ଟ **2.1** ରୁ ଏହା ସ୍ପଷ୍ଟ ଯେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସମସ୍ତ ବର୍ଗରେ ମାନବ ସମ୍ବଳର ଅଭାବ ଦେଖାଦେଇଥିଲା । ମଞ୍ଜୁରୀପ୍ରାପ୍ତ ପଦବୀ ତୁଳନାରେ ରାଜ୍ୟରେ ସାମଗ୍ରିକ ଭାବରେ ବିଶେଷଜ୍ଞ ଡାକ୍ତରଙ୍କ 49 ପ୍ରତିଶତ ପଦବୀ ଖାଲି ଥିଲା । ସ୍ୱାସ୍ଥ୍ୟ ଅଧିକାରୀ(ଏମ୍‌ଓ)ଙ୍କ କ୍ୟାଡରରେ ଏହା 40 ପ୍ରତିଶତ ଥିଲା । ଷ୍ଟାଫ୍ ନର୍ସ/ ନର୍ସିଂ ଅଧିକାରୀଙ୍କ କ୍ଷେତ୍ରରେ 30 ପ୍ରତିଶତ ପଦବୀ ଖାଲି ଥିଲା ।

ମଞ୍ଜୁରୀପ୍ରାପ୍ତ ପଦବୀ ତୁଳନାରେ ବିଶେଷଜ୍ଞ ଡାକ୍ତର ଏବଂ ଡାକ୍ତରଙ୍କ କ୍ୟାଡରରେ ସ୍ୱଳ୍ପତା ଯଥାକ୍ରମେ 14ଏବଂ 6 ଟି ଜିଲ୍ଲାରେ 50 ପ୍ରତିଶତରୁ ଅଧିକ ଥିଲା । ସେହିପରି ଭାବରେ ଚାରିଟି ଜିଲ୍ଲାରେ 50 ପ୍ରତିଶତରୁ ଅଧିକ ନର୍ସ କର୍ମଚାରୀଙ୍କ ସ୍ୱଳ୍ପତା ଲକ୍ଷ୍ୟ କରାଯାଇଥିଲା । ଜିଲ୍ଲା ଅନୁଯାୟୀ ବିଭିନ୍ନ କ୍ୟାଡରରେ ମାନବ ସମ୍ବଳର ଅଭାବ **ପରିଶିଷ୍ଟ 2.1** ରେ ଦର୍ଶାଯାଇଛି । ଜିଲ୍ଲାଗୁଡ଼ିକରେ ବିଶେଷଜ୍ଞ ଡାକ୍ତରଙ୍କ ଅଭାବ, **ମାନଚିତ୍ର 2.1** ରେ ଦର୍ଶାଯାଇଛି ।

**Map 2.1: Shortage of specialist across the State (in *per cent*)**



ବିଭିନ୍ନ ଜିଲ୍ଲାର ସ୍ୱାସ୍ଥ୍ୟସେବାରେ ନିୟୋଜିତ ବିଶେଷଜ୍ଞ ଡାକ୍ତର ଏବଂ ଡାକ୍ତରଙ୍କ ବିଶ୍ଳେଷଣରୁ ଜଣାପଡ଼ିଛି ଯେ ଆଠଟି ଜିଲ୍ଲାରେ[6] ମଞ୍ଜୁରୀପ୍ରାପ୍ତ ପଦବୀ ତୁଳନାରେ ବିଶେଷଜ୍ଞ ଡାକ୍ତର ବର୍ଗରେ 60 ପ୍ରତିଶତରୁ ଅଧିକ ପଦବୀ ଖାଲି ପଡ଼ିଥିବା ବେଳେ, ଦୁଇଟି ଜିଲ୍ଲାରେ (ଦେବଗଡ଼: 67 ପ୍ରତିଶତ, ନବରଙ୍ଗପୁର: 65 ପ୍ରତିଶତ) ଡାକ୍ତରଙ୍କ କ୍ୟାଡରରେ 60 ପ୍ରତିଶତରୁ ଅଧିକ ପଦବୀ ଖାଲି ପଡ଼ିଥିଲା । ଦୁଇଟି ଜିଲ୍ଲା (ଦେବଗଡ଼ ଏବଂ ନବରଙ୍ଗପୁର) ରେ ଉଭୟ ବର୍ଗର ଡାକ୍ତର ଅର୍ଥାତ୍ ବିଶେଷଜ୍ଞ ଡାକ୍ତର ଏବଂ ମେଡିକାଲ ଅଫିସର (ଏମ୍ଓ) ପଦବୀ 60 ପ୍ରତିଶତରୁ ଅଧିକ ଖାଲି ପଡ଼ିଥିଲା । ସେହିଭଳି, ଦୁଇଟି ଜିଲ୍ଲାର[7], ସ୍ୱାସ୍ଥ୍ୟସେବାରେ, ମଞ୍ଜୁରୀପ୍ରାପ୍ତ ପଦବୀ ବିପକ୍ଷରେ ଷ୍ଟାଫ୍ ନର୍ସ/ ନର୍ସିଂ ଅଧିକାରୀଙ୍କ ପଦବୀରେ 60 ପ୍ରତିଶତରୁ ଅଧିକ ଅଭାବ ରହିଥିଲା ।

ଏହିପରି ଭାବରେ ରାଜ୍ୟର ଜିଲ୍ଲା ଗୁଡ଼ିକରେ ମଞ୍ଜୁରୀପ୍ରାପ୍ତ ପଦବୀ ବିପକ୍ଷରେ ଡାକ୍ତର ଓ ଷ୍ଟାଫ୍ ନର୍ସଙ୍କ ନିୟୋଜନ ସମାନୁପାତିକ ନଥିଲା ।

ରାଜ୍ୟର ମାଧମିକ ଏବଂ ପ୍ରାଥମିକ ସ୍ୱାସ୍ଥ୍ୟସେବାଗୁଡ଼ିକରେ, ମାନବ ସମ୍ବଳର ଉପଲବ୍ଧତା ପରବର୍ତ୍ତୀ ଅନୁଚ୍ଛେଦଗୁଡ଼ିକରେ ଆଲୋଚନା କରାଯାଇଛି ।

### 2.1.1 ଡିଏଚ୍ଏଚ୍, ସିଏଚ୍ସି ଏବଂ ପିଏଚ୍ସି ଗୁଡ଼ିକରେ ଡାକ୍ତରଙ୍କ ଉପଲବ୍ଧତାର ସ୍ଥିତି

ଅଡିଟ୍ ଲକ୍ଷ୍ୟ କଲେ ଯେ, ସ୍ୱାସ୍ଥ୍ୟସେବା ପାଇଁ ଅନୁମୋଦିତ ଡାକ୍ତର ପଦବୀ (ବିଶେଷଜ୍ଞ ଡାକ୍ତର ସମେତ) ମଧ୍ୟରୁ ଅନେକାଂଶ ପୂରଣ ହୋଇନଥିଲା । ମାର୍ଚ୍ଚ 2022 ସୁଦ୍ଧା ରାଜ୍ୟର ମାଧମିକ (ଡିଏଚ୍ଏଚ୍, ସିଏଚ୍ସି ଗୁଡ଼ିକରେ) ଏବଂ ପ୍ରାଥମିକ ସ୍ୱାସ୍ଥ୍ୟସେବା (ପିଏଚ୍ସି ଗୁଡ଼ିକରେ) ପ୍ରତିଷ୍ଠାନ ଗୁଡ଼ିକରେ ଅନୁମୋଦିତ ପଦବୀ ସଂଖ୍ୟା, କାର୍ଯ୍ୟରତ ପଦବୀ ସଂଖ୍ୟା ଏବଂ ଖାଲିଥିବା ପଦବୀ ସଂଖ୍ୟା *ଚାର୍ଟ 2.2* ରେ ଦର୍ଶାଯାଇଛି ।

**ଚାର୍ଟ 2.2: ରାଜ୍ୟର ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନଗୁଡ଼ିକରେ ଡାକ୍ତରମାନଙ୍କ ଅନୁମୋଦିତ ପଦବୀ ଓ କାର୍ଯ୍ୟରତ ପଦବୀ**




*(ଉତ୍ସ: ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ, ଏନ୍ଏଚ୍ଏମ୍, ଓଡ଼ିଶା ଠାରୁ ପ୍ରାପ୍ତ ତଥ୍ୟ)*

ଉପରୋକ୍ତ ଚାର୍ଟରୁ ଲକ୍ଷ୍ୟ କରାଗଲା ଯେ ଡାକ୍ତରଙ୍କ କ୍ୟାଡରରେ ଖାଲିଥିବା ପଦବୀ (ବିଶେଷଜ୍ଞଙ୍କ ଡାକ୍ତର ସମେତ) ଡିଏଚ୍ଏଚ୍ ରେ 40 ପ୍ରତିଶତ ଥିବାବେଳେ ସିଏଚ୍ସିରେ ଏହା 58 ପ୍ରତିଶତ ଥିଲା । ଜନ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ଜଣେ ଯୋଗ୍ୟ ଡାକ୍ତରଙ୍କ ସହ ଗ୍ରାମାଞ୍ଚଳ ଲୋକଙ୍କର ପ୍ରଥମ ଯୋଗାଯୋଗ ହେଉଥିବା ପିଏଚ୍ସି ଗୁଡ଼ିକରେ 28 ପ୍ରତିଶତ ଏମ୍ବିବିଏସ୍ ଡାକ୍ତରଙ୍କ ଅଭାବ ରହିଥିଲା । ସ୍ୱାସ୍ଥ୍ୟ ସେବାରେ ଡାକ୍ତରଙ୍କ ଅଭାବ,

---

[6] କୋରାପୁଟ (78 ପ୍ରତିଶତ); ରାୟଗଡ଼ା (69 ପ୍ରତିଶତ); କନ୍ଧମାଳ (68 ପ୍ରତିଶତ); ଦେବଗଡ଼ (67 ପ୍ରତିଶତ); ମାଲକାନଗିରି (65 ପ୍ରତିଶତ); ସୁନ୍ଦରଗଡ଼ (65 ପ୍ରତିଶତ); ମୟୁରଭଞ୍ଜ (65 ପ୍ରତିଶତ); ନବରଙ୍ଗପୁର (62 ପ୍ରତିଶତ)

[7] ବୌଦ୍ଧ (62 ପ୍ରତିଶତ); ଜଗତସିଂହପୁର (68 ପ୍ରତିଶତ)

ଜନସାଧାରଣଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପ୍ରଦାନରେ ବାଧା ସୃଷ୍ଟି କରିଥାଏ, ଯାହା **ଅନୁଚ୍ଛେଦ 2.1.4** ରେ ଆଲୋଚନା କରାଯାଇଛି । ଡିଏଚ୍‌ଏଚ୍ ଅନୁଯାୟୀ ଡାକ୍ତରଙ୍କ ସ୍ଥିତି **ପରିଶିଷ୍ଟ 2.2** ରେ ଦର୍ଶାଯାଇଛି ।

### 2.1.2 ଡାକ୍ତରଖାନା ଗୁଡ଼ିକରେ ବିଶେଷଜ୍ଞ ଡାକ୍ତରଙ୍କ ଅନୁପଲବ୍ଧତା

ମାଧ୍ୟମିକ ସ୍ୱାସ୍ଥ୍ୟସେବା ସ୍ତରରେ ଏକ ଗ୍ରହଣୀୟ ଗୁଣବତ୍ତା ସ୍ତରର ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ ରାଜ୍ୟ ସରକାର ଡିଏଚ୍‌ଏଚ୍‌ରେ ବିଶେଷଜ୍ଞ ଡାକ୍ତରଙ୍କ 824 ପଦବୀକୁ ମଞ୍ଜୁରୀ ପ୍ରଦାନ କରିଥିଲେ । ଅନୁମୋଦିତ ବିଶେଷଜ୍ଞ ଡାକ୍ତରଙ୍କ ସଂଖ୍ୟା ତୁଳନାରେ, ମାର୍ଚ୍ଚ 2022 ସୁଦ୍ଧା ଡିଏଚ୍‌ଏଚ୍ ରେ କେବଳ 523(63 ପ୍ରତିଶତ) ବିଶେଷଜ୍ଞ ଡାକ୍ତର ଉପଲବ୍ଧ ଥିଲେ । ରାଜ୍ୟର ଡିଏଚ୍‌ଏଚ୍ ଗୁଡ଼ିକରେ ବିଶେଷଜ୍ଞ ଡାକ୍ତରଙ୍କ ବିଭାଗ ଅନୁଯାୟୀ ଉପଲବ୍ଧତା **ପରିଶିଷ୍ଟ 2.3** ରେ ଦର୍ଶାଯାଇଛି । ସାତଟି ବିଭାଗରେ, ବିଶେଷଜ୍ଞ ଡାକ୍ତରଙ୍କ ଅଭାବ **ଚାର୍ଟ 2.3** ରେ ଦର୍ଶାଯାଇଛି ।

**ଚାର୍ଟ 2.3: ରାଜ୍ୟର ଖାଲି ପଡ଼ିଥିବା ବିଶେଷଜ୍ଞ ଡାକ୍ତର ପଦବୀ (ପ୍ରତିଶତ)**




***( ଉତ୍ସ: ଡିଏଚ୍‌ଏସ୍, ଓଡ଼ିଶା ଦ୍ୱାରା ପ୍ରଦାନ ସୂଚନା)***

ଶତକଡ଼ା ହିସାବରେ, ରାଜ୍ୟର ଡିଏଚ୍‌ଏଚ୍ ଗୁଡ଼ିକରେ ଚର୍ମରୋଗ ବିଶେଷଜ୍ଞଙ୍କ ପଦବୀର ସର୍ବାଧିକ ଅଭାବ (55 ପ୍ରତିଶତ) ଏହା ପଛକୁ, ପାଥୋଲୋଜି ବିଶେଷଜ୍ଞ (51 ପ୍ରତିଶତ) ଏବଂ ଶିଶୁରୋଗ ବିଶେଷଜ୍ଞଙ୍କ (51 ପ୍ରତିଶତ) ଅଭାବ ଥିଲା ।

ସେହିପରି, ସିଏଚ୍‌ସି ଗୁଡ଼ିକରେ ଚାରୋଟି ପ୍ରମୁଖ ବିଶେଷ ସେବା[8] ଯୋଗାଇବା ପାଇଁ 1,501 ବିଶେଷଜ୍ଞ ପଦବୀକୁ ମଞ୍ଜୁରୀ ପ୍ରଦାନ କରାଯାଇଥିଲା, ଯାହା ବିପକ୍ଷରେ ମାର୍ଚ୍ଚ 2022 ସୁଦ୍ଧା ମାତ୍ର 309 (21 ପ୍ରତିଶତ) ବିଶେଷଜ୍ଞ କାର୍ଯ୍ୟରତ ଥିଲେ । ଏହିପରି, ସିଏଚ୍‌ସି ରେ 79 ପ୍ରତିଶତ ବିଶେଷଜ୍ଞ ଡାକ୍ତରଙ୍କ ଅଭାବ ରହିଥିଲା । ଏହି ଚାରୋଟି ମୁଖ୍ୟ ବର୍ଗରେ ବିଶେଷଜ୍ଞ ଡାକ୍ତରଙ୍କ ବର୍ଗ ଅନୁଯାୟୀ ଅନୁମୋଦିତ ପଦବୀ ସଂଖ୍ୟା ଏବଂ କାର୍ଯ୍ୟ ଓ ସଂଖ୍ୟା, **ଚାର୍ଟ 2.4** ରେ ଦର୍ଶାଯାଇଛି ।

[8] ଭେଷଜ; ଓ ଏବଂ ଜି; ଅସ୍ତ୍ରୋପଚାର; ଶିଶୁ ରୋଗ

**ଚାର୍ଟ 2.4: ସିଏଚସିଗୁଡ଼ିକରେ ବିଶେଷଜ୍ଞ ଡାକ୍ତରଙ୍କ ଉପଲବ୍ଧତା**




*( ଉତ୍ସ: ଡିଏଚ୍ଏସ୍  ଗୁଡ଼ିକରୁ ପ୍ରାପ୍ତ ତଥ୍ୟ)*

ଅଡିଟ୍ ଲକ୍ଷ୍ୟ କଲେ ଯେ, ନଅଟି ଜିଲ୍ଲାର[9] ସିଏଚ୍ସିଗୁଡ଼ିକରେ ଭେଷଜ ବିଶେଷଜ୍ଞ ଉପଲବ୍ଧ ନଥିଲେ, 10 ଟି ଜିଲ୍ଲାର[10] ସିଏଚ୍ସିଗୁଡ଼ିକରେ ଅସ୍ତ୍ରୋପଚାର ବିଶେଷଜ୍ଞ ନଥିଲେ । ସେହିଭଳି ଛଅଟି ଜିଲ୍ଲା[11]ର ସିଏଚ୍ସିଗୁଡ଼ିକରେ ଓ ଏବଂ ଜି ବିଶେଷଜ୍ଞ ଉପଲବ୍ଧ ନଥିଲେ ଏବଂ ନଅଟି ଜିଲ୍ଲାର[12] ସିଏଚ୍ସିଗୁଡ଼ିକରେ କୌଣସି ଶିଶୁରୋଗ ବିଶେଷଜ୍ଞ ଉପଲବ୍ଧ ନଥିଲେ । ପରିଣାମସ୍ୱରୂପ, ବିଶେଷଜ୍ଞ ଡାକ୍ତରଙ୍କ ଅନୁପସ୍ଥିତି ଯୋଗୁଁ ଏହି ଜିଲ୍ଲାଗୁଡ଼ିକର ସିଏଚ୍ସିଗୁଡ଼ିକରେ ବିଶେଷଜ୍ଞ ଚିକିତ୍ସା ସେବା ଯୋଗାଇବାରେ ପ୍ରତିବନ୍ଧକ ରହିଥିଲା ।

### 2.1.3 ଡାକ୍ତରଖାନାଗୁଡ଼ିକରେ ଷ୍ଟାଫ୍ ନର୍ସ ଏବଂ ପାରାମେଡିକ୍ସମାନଙ୍କର ଉପଲବ୍ଧତା

ଅଡିଟ୍ ଲକ୍ଷ୍ୟ କଲେ ଯେ, ଅନୁମୋଦିତ ସଂଖ୍ୟା ତୁଳନାରେ ଡିଏଚ୍ଏଚ୍, ସିଏଚ୍ସି ଏବଂ ପିଏଚ୍ସିଗୁଡ଼ିକରେ ଷ୍ଟାଫ୍ ନର୍ସ ଏବଂ ପାରାମେଡିକ୍ସ କର୍ମଚାରୀଙ୍କର ଅଭାବ ଥିଲା । ମାର୍ଚ୍ଚ 2022 ସୁଦ୍ଧା ମଞ୍ଜୁରୀପ୍ରାପ୍ତ କର୍ମଚାରୀ ସଂଖ୍ୟା ଏବଂ କାର୍ଯ୍ୟରତ କର୍ମଚାରୀ ସଂଖ୍ୟା **ସାରଣୀ 2.1** ରେ ଦର୍ଶାଯାଇଛି ।

**ସାରଣୀ 2.1: ଡାକ୍ତରଖାନାଗୁଡ଼ିକରେ ଅନୁମୋଦିତ କର୍ମଚାରୀ ସଂଖ୍ୟା ଏବଂ କାର୍ଯ୍ୟରତ କର୍ମଚାରୀ ସଂଖ୍ୟା**

| ହସ୍ପିଟାଲ୍ | ଷ୍ଟାଫ୍ ନର୍ସ | | | ପାରାମେଡିକ୍ସ | | |
|---|---|---|---|---|---|---|
| | ମଞ୍ଜୁରୀପ୍ରାପ୍ତ କର୍ମଚାରୀ ସଂଖ୍ୟା | କାର୍ଯ୍ୟରତ ସଂଖ୍ୟା | ସ୍ୱଳ୍ପତା (ପ୍ରତିଶତରେ) | ମଞ୍ଜୁରୀପ୍ରାପ୍ତ କର୍ମଚାରୀ ସଂଖ୍ୟା | କାର୍ଯ୍ୟରତ ସଂଖ୍ୟା | ସ୍ୱଳ୍ପତା (ପ୍ରତିଶତରେ) |
| ଡିଏଚ୍ଏଚ୍ | 3,677 | 2,573 | 1,104 (30) | 906 | 731 | 175 (19) |
| ସିଏଚ୍ସି | 3,497 | 2,367 | 1,130 (32) | 1,909 | 1,244 | 665 (35) |
| ପିଏଚ୍ସି | 2,156 | 753 | 1,403 (65) | 2,715 | 2,220 | 495 (18) |

*(ଉତ୍ସ: ଡିଏଚ୍ଏଚ୍, ଏନ୍ଏଚ୍ଏମ୍, ଓଡ଼ିଶା ଠାରୁ ପ୍ରାପ୍ତ ତଥ୍ୟ)*

ଏହିପରି, ସମସ୍ତ ସ୍ତରର ସ୍ୱାସ୍ଥ୍ୟସେବାରେ ଷ୍ଟାଫ ନର୍ସ ଏବଂ ପାରାମେଡିକ୍ସମାନଙ୍କର ଅଭାବ ରହିଥିଲା । ପିଏଚ୍ସିଗୁଡ଼ିକରେ ମଞ୍ଜୁରୀପ୍ରାପ୍ତ ସଂଖ୍ୟା ତୁଳନାରେ, ଷ୍ଟାଫ ନର୍ସମାନଙ୍କର ଯଥେଷ୍ଟ ଅଭାବ ରହିଥିବା ଲକ୍ଷ୍ୟ କରାଯାଇଥିଲା, ଯାହା ଗ୍ରାମାଞ୍ଚଳ ରୋଗୀମାନଙ୍କର ଚିକିତ୍ସା ସେବା ଉପରେ ପ୍ରଭାବ ପକାଇଥିଲା । ଡିଏଚ୍ଏଚ୍ ଅନୁସାରେ ଷ୍ଟାଫ ନର୍ସ ଏବଂ ପାରାମେଡିକ୍ସମାନଙ୍କର ଉପଲବ୍ଧତା ***ପରିଶିଷ୍ଟ 2.2*** ରେ ଦର୍ଶାଯାଇଛି । ଅନୁଷ୍ଠାନ/ ଜିଲ୍ଲା ଅନୁଯାୟୀ ସିଏଚସି ଏବଂ ପିଏଚ୍ସିଗୁଡ଼ିକରେ କ୍ଲିନିକାଲ ମାନବ ସମ୍ବଳର ସ୍ଥିତି ଯଥାକ୍ରମେ ***ପରିଶିଷ୍ଟ 2.4*** ଏବଂ ***ପରିଶିଷ୍ଟ 2.5*** ରେ ଦର୍ଶାଯାଇଛି । ଏପରିକି ରାଜ୍ୟରେ ପିଏଚ୍ସିଗୁଡ଼ିକ ପାଇଁ ଷ୍ଟାଫ୍ ନର୍ସଙ୍କ ଅନୁମୋଦିତ

---

9 ଦେବଗଡ଼, ଢେଙ୍କାନାଳ, ଗଜପତି, କନ୍ଧମାଳ, କେନ୍ଦ୍ରାପଡ଼ା, ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା, ସମ୍ବଲପୁର

10 ବଲାଙ୍ଗୀର, ଦେବଗଡ଼, ଢେଙ୍କାନାଳ, ଗଜପତି, କନ୍ଧମାଳ, ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା, ସମ୍ବଲପୁର, ସୋନପୁର

11 ଦେବଗଡ଼, ଗଜପତି, କନ୍ଧମାଳ, ମାଲକାନଗିରି, ରାୟଗଡ଼ା, ସମ୍ବଲପୁର

12 ବରଗଡ଼, ଦେବଗଡ଼, ଢେଙ୍କାନାଳ, ଗଜପତି, କନ୍ଧମାଳ, ମାଲକାନଗିରି, ନବରଙ୍ଗପୁର, ନୟାଗଡ଼, ରାୟଗଡ଼ା

ସଂଖ୍ୟା ଆଇପିଏଚ୍‌ଏସ୍ ମାନଦଣ୍ଡ ଠାରୁ କମ୍ ଥିଲା । 4,020[13] ଷ୍ଟାଫ୍ ନର୍ସଙ୍କ ଆବଶ୍ୟକତା ବିପକ୍ଷରେ, ରାଜ୍ୟ ସରକାର ପିଏଚ୍‌ସି ଗୁଡ଼ିକ ପାଇଁ 2,156 ଷ୍ଟାଫ୍ ନର୍ସଙ୍କୁ ମଞ୍ଜୁରୀ ପ୍ରଦାନ କରିଥିଲେ ।

### 2.1.4 ପରୀକ୍ଷା ଯାଞ୍ଚ ଡାକ୍ତରଖାନା ଗୁଡ଼ିକରେ କ୍ଲିନିକାଲ୍ ମାନବ ସମ୍ବଳର[14] ଉପଲବ୍ଧତା

ଅଡିଟ୍ ଲକ୍ଷ୍ୟ କଲେ ଯେ ପରୀକ୍ଷା ଯାଞ୍ଚ ଡାକ୍ତରଖାନାଗୁଡ଼ିକରେ ମାନବ ସମ୍ବଳର ଉପଲବ୍ଧତା ଆଇପିଏଚ୍‌ଏସ୍ ମାନଦଣ୍ଡ ଅନୁଯାୟୀ ହୋଇନଥିଲା । ପରୀକ୍ଷା ଯାଞ୍ଚ ଡିଏଚ୍‌ଏଚ୍, ସିଏଚ୍‌ସି ଏବଂ ପିଏଚ୍‌ସିଗୁଡ଼ିକରେ ମାନବ ସମ୍ବଳର ଉପଲବ୍ଧତା ନିମ୍ନରେ ଆଲୋଚନା କରାଯାଇଛି:

#### *2.1.4.1 ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଗୁଡ଼ିକରେ କର୍ମଚାରୀର ଉପଲବ୍ଧତା*

ମାର୍ଚ୍ଚ 2022 ସୁଦ୍ଧା ପରୀକ୍ଷା ଯାଞ୍ଚ ଡିଏଚ୍‌ଏଚ୍ ଗୁଡ଼ିକରେ କ୍ଲିନିକାଲ୍ ମାନବ ସମ୍ବଳର ଆବଶ୍ୟକତା ଏବଂ ଉପଲବ୍ଧତା **ସାରଣୀ 2.2** ରେ ଦର୍ଶାଯାଇଛି ।

**ସାରଣୀ 2.2: ପରୀକ୍ଷା ଯାଞ୍ଚ ଡିଏଚ୍‌ଏଚ୍‌ଗୁଡ଼ିକରେ (ମାର୍ଚ୍ଚ 2022 ସୁଦ୍ଧା) ମାନବ ସମ୍ବଳର ଆବଶ୍ୟକତା ଏବଂ ଉପଲବ୍ଧତା**

| ଡିଏଚ୍‌ଏଚ୍ | ଶଯ୍ୟା ସଂଖ୍ୟା (କାର୍ଯ୍ୟକ୍ଷମ) | ଆଇପିଏଚ୍‌ଏସ୍[15] ଅନୁଯାୟୀ ସର୍ବନିମ୍ନ ଆବଶ୍ୟକ କର୍ମଚାରୀ ସଂଖ୍ୟା | | | କାର୍ଯ୍ୟରତ କର୍ମଚାରୀ ସଂଖ୍ୟା | | |
|---|---|---|---|---|---|---|---|
| | | ଡାକ୍ତର ଏବଂ ବିଶେଷଜ୍ଞ ଡାକ୍ତର | ଷ୍ଟାଫ୍ ନର୍ସ | ପାରାମେଡିକ୍ସ | ଡାକ୍ତର ଏବଂ ବିଶେଷଜ୍ଞ ଡାକ୍ତର | ଷ୍ଟାଫ୍ ନର୍ସ | ପାରାମେଡିକ୍ସ |
| ଭଦ୍ରକ | 336 | 50 | 135 | 66 | 44 | 58 | 19 |
| ଢେଙ୍କାନାଳ | 300 | 50 | 135 | 66 | 32 | 80 | 22 |
| କନ୍ଧମାଳ | 236 | 34 | 90 | 42 | 36 | 161 | 17 |
| ନବରଙ୍ଗପୁର | 252 | 50 | 135 | 66 | 21 | 95 | 15 |
| ନୂଆପଡ଼ା | 315 | 50 | 135 | 66 | 20 | 90 | 20 |
| ପୁରୀ | 451 | 68 | 225 | 100 | 41 | 99 | 43 |
| ସୁନ୍ଦରଗଡ଼ | 330 | 50 | 135 | 66 | 36 | 103 | 24 |
| ମୋଟ | | **352** | **990** | **472** | **230** | **686** | **160** |

***(ଉତ୍ସ: ଆଇପିଏଚ୍‌ଏସ୍ ନିର୍ଦ୍ଧାରଣ ମାନଦଣ୍ଡ ଏବଂ ପରୀକ୍ଷା ଯାଞ୍ଚ ଡିଏଚ୍‌ଏଚ୍ ରୁ ପ୍ରାପ୍ତ ତଥ୍ୟ)***

ଅଡିଟ୍ ଅବଲୋକନ କଲେ ଯେ:

- ଡିଏଚ୍‌ଏସ୍, ଓଡ଼ିଶା ପ୍ରଦତ୍ତ ତଥ୍ୟ ଏବଂ **ପରିଶିଷ୍ଟ 2.2** ରେ ପ୍ରଦାନ କରାଯାଇଥିବା ବିବରଣୀ ଅନୁଯାୟୀ ଡିଏଚ୍‌ଏଚ୍ ଗୁଡ଼ିକରେ ଥିବା କ୍ଲିନିକାଲ୍ କର୍ମଚାରୀଙ୍କ ସଂଖ୍ୟା ସହିତ ଉପର ସାରଣୀରେ ଦିଆଯାଇଥିବା କର୍ମଚାରୀଙ୍କ ସଂଖ୍ୟାର ସହମତି ନଥିଲା । ତେଣୁ, ଡାକ୍ତରଖାନାଗୁଡ଼ିକରେ କର୍ମଚାରୀ ସଂଖ୍ୟାର ସ୍ଥିତି ସମ୍ପର୍କିତ ଜିଲ୍ଲା ତଥା ରାଜ୍ୟ ସ୍ତରର ତଥ୍ୟ ମଧ୍ୟରେ କୌଣସି ସମ୍ପର୍କ ନଥିଲା ।

- ପରୀକ୍ଷା ଯାଞ୍ଚ ଡିଏଚ୍‌ଏଚ୍ ଗୁଡ଼ିକରେ କୌଣସି ଫୋରେନସିକ୍ ବିଶେଷଜ୍ଞ ଉପଲବ୍ଧ ନଥିଲେ ଏବଂ ମାଇକ୍ରୋବିଓଲୋଜିଷ୍ଟମାନେ କେବଳ ଡିଏଚ୍‌ଏଚ୍, ସୁନ୍ଦରଗଡ଼ ଏବଂ ଢେଙ୍କାନାଳରେ ଉପଲବ୍ଧ ଥିଲେ ।

---

13 ଆଇପିଏଚ୍‌ଏସ୍ 2012 ନିୟମ ଅନୁଯାୟୀ 1340 ପିଏଚ୍‌ସି ପାଇଁ ସର୍ବନିମ୍ନ 3 ଷ୍ଟାଫ୍ ନର୍ସ

14 ଡାକ୍ତର ଷ୍ଟାଫ୍ ନର୍ସ ଏବଂ ପାରାମେଡିକ୍ସ

15 ଆଇପିଏଚ୍‌ଏସ୍ ନିୟମ ଅନୁସାରେ 300 ଶଯ୍ୟା ପାଇଁ (ଡିଏଚ୍‌ଏଚ୍ ରେ 252 ରୁ 336 ମଧ୍ୟରେ ଶଯ୍ୟା ସଂଖ୍ୟା ରହିବା ପାଇଁ ବିବେଚନା କରାଯାଏ; ଆଇପିଏଚ୍‌ଏସ୍ ନିୟମ ଅନୁସାରେ ଡିଏଚ୍‌ଏଚ୍, କନ୍ଧମାଳରେ 200 ଶଯ୍ୟା ପାଇଁ ବିବେଚନା କରାଯାଏ, ଯାହାର 236 ଶଯ୍ୟା ଅଛି ଏବଂ ଆଇପିଏଚ୍‌ଏସ୍ ନିୟମ ଅନୁସାରେ ଡିଏଚ୍‌ଏଚ୍, ପୁରୀରେ 500 ଶଯ୍ୟା ପାଇଁ ବିବେଚନା କରାଯାଏ, ଯାହାର 451 ଶର୍ଯା ଅଛି

ସାତଟି ପରୀକ୍ଷା ଯାଞ୍ଚ ଡିଏଚ୍ଏଚ୍‌ରେ ଅନ୍ୟ ଚାରିଟି[16] ବର୍ଗରେ ବିଶେଷଜ୍ଞ ଡାକ୍ତରଙ୍କ ଆବଶ୍ୟକତାର ଅଭାବ 67 ରୁ 81 ପ୍ରତିଶତ ମଧ୍ୟରେ ଥିଲା ।

- ତିନି ଜଣ ନିଶ୍ଚେତକ ଡାକ୍ତରଙ୍କର (ଆଇପିଏଚ୍ଏସ୍ 2012) ଆବଶ୍ୟକତା ବିପକ୍ଷରେ ଡିଏଚ୍ଏଚ୍, ଭଦ୍ରକରେ କେବଳ ଜଣେ ଉପଲବ୍ଧ ଥିଲା । ନିଶ୍ଚେତକ ଡାକ୍ତରଙ୍କ ଅଭାବ ହେତୁ ଡିଏଚ୍ଏଚ୍, ଭଦ୍ରକର ଟ୍ରମା କେୟାର ସେଣ୍ଟରରେ ଥିବା ଆଇସିୟୁ କାର୍ଯ୍ୟକ୍ଷମ ନଥିଲା ଏବଂ ଗୁରୁତର ଚିକିତ୍ସାର ଆବଶ୍ୟକତା ଥିବା ରୋଗୀଙ୍କୁ ଏସିବି, ଏମ୍‌ସିଏଚ୍, କଟକକୁ ପଠାଯାଉଥିଲା । ଫଳସ୍ୱରୁପ ଏହି ଗୁରୁତର ରୋଗୀଙ୍କ ଜୀବନ ଆଶଙ୍କାଗ୍ରସ୍ତ ରହୁଥିଲା । କାରଣ ଏମ୍‌ସିଏଚ୍, କଟକ ଠାରେ ଚିକିତ୍ସାସେବା ପାଇବାକୁ ସେମାନଙ୍କୁ ପ୍ରାୟ 100 କିଲୋମିଟର ଦୂରତା ଅତିକ୍ରମ କରିବାକୁ ପଡୁଥିଲା ।

- ପରୀକ୍ଷା ଯାଞ୍ଚ ଡିଏଚ୍ଏଚ୍ ଗୁଡ଼ିକରେ ପାଞ୍ଚଟି ବିଶେଷଜ୍ଞ ପଦବୀ ବିପକ୍ଷରେ ସର୍ବାଧିକ ଖାଲି ରହିଥିବା ପଦ ଗୁଡ଼ିକ **ଚାର୍ଟ 2.5** ରେ ଦର୍ଶାଯାଇଛି ।

**Chart 2.5: Vacancies of specialists in the test-checked DHHs**




*(ଉତ୍ସ: ପରୀକ୍ଷା ଯାଞ୍ଚ ଡିଏଚ୍ଏସ୍‌ଗୁଡ଼ିକ ଦ୍ୱାରା ପ୍ରଦତ୍ତ ତଥ୍ୟ)*

ଅଡିଟ୍ ଲକ୍ଷ୍ୟ କଲେ ଯେ, ପରୀକ୍ଷା ଯାଞ୍ଚ ଡିଏଚ୍ଏଚ୍ ଗୁଡ଼ିକରେ ବିଶେଷଜ୍ଞ ଡାକ୍ତରଙ୍କ ନିୟୋଜନରେ ଅସଙ୍ଗତି ଥିଲା, ଯାହା **ସାରଣୀ 2.3** ରେ ଦର୍ଶାଗଲା ।

**ସାରଣୀ 2.3: ପରୀକ୍ଷା ଯାଞ୍ଚ ଡିଏଚ୍ଏଚ୍‌ଗୁଡ଼ିକରେ ବିଶେଷଜ୍ଞଙ୍କ ଡାକ୍ତରଙ୍କ ନିୟୋଜନରେ ଅସଙ୍ଗତ**

| ବିଶେଷଜ୍ଞ ଡାକ୍ତର | ଭଦ୍ରକ (336 ଶଯ୍ୟା) | | ଢେଙ୍କାନାଳ (300 ଶଯ୍ୟା) | | କନ୍ଧମାଳ (236 ଶଯ୍ୟା) | | ପୁରୀ (451 ଶଯ୍ୟା) | |
|---|---|---|---|---|---|---|---|---|
| | ଆର୍ | ଏ | ଆର୍ | ଏ | ଆର୍ | ଏ | ଆର୍ | ଏ |
| **ଅସ୍ତ୍ରୋପଚାର** | 3 | 5 | 3 | 1 | 2 | 2 | 4 | 5 |
| ଓଏବଂଜି | 4 | 3 | 4 | 3 | 3 | 4 | 6 | 2 |
| ଶିଶୁ ରୋଗ | 4 | 1 | 4 | 2 | 3 | 5 | 5 | 2 |

*(ଉତ୍ସ: ପରୀକ୍ଷା ଯାଞ୍ଚ ଡିଏଚ୍ଏଚ୍ ଗୁଡ଼ିକ ଦ୍ୱାରା ପ୍ରଦତ୍ତ ତଥ୍ୟ)*
**(ଆଇପିଏଚ୍ଏସ୍ ଅନୁଯାୟୀ ଆବଶ୍ୟକତା ପାଇଁ-'ଆର୍' ଏବଂ ଉପଲବ୍ଧତା ପାଇଁ -'ଏ')**

ଅଡିଟ୍ ଅବଲୋକନ କଲେ ଯେ:

- ଆଇପିଏଚ୍ଏସ୍ ମାନଦଣ୍ଡ ତୁଳନାରେ ଡିଏଚ୍ଏଚ୍, କନ୍ଧମାଳରେ ଅଧିକ ସଂଖ୍ୟକ ଓ ଏବଂ ଜି ବିଶେଷଜ୍ଞ ଏବଂ ଶିଶୁ ରୋଗ ବିଶେଷଜ୍ଞ ନିୟୋଜିତ ହୋଇଥିଲେ କିନ୍ତୁ ପୁରୀ ଏବଂ ଭଦ୍ରକ ଡିଏଚ୍ଏଚ୍‌ରେ ଏହି ବିଶେଷଜ୍ଞମାନେ କମ୍ ସଂଖ୍ୟାରେ ନିୟୋଜିତ ହୋଇଥିଲେ । ସେହିପରି, ଚାରି ଜଣଙ୍କ ଆବଶ୍ୟକତା

[16] ଆନେସ୍ଥିଆ (67ପ୍ରତିଶତ); ରାଡିଓଲୋଜି (77 ପ୍ରତିଶତ); ପାଥୋଲୋଜି (81ପ୍ରତିଶତ); ମାନସିକ (71ପ୍ରତିଶତ)

ସ୍ଥଳେ ଡିଏଚ୍ଏଚ୍, ପୁରୀରେ ପାଞ୍ଚଜଣ ଅସ୍ତ୍ରୋପଚାର ବିଶେଷଜ୍ଞ ନିୟୋଜିତ ହୋଇଥିଲେ, କିନ୍ତୁ ବିପରୀତ ଭାବେ ଡିଏଚଏଚ୍ ଢେଙ୍କାନାଳରେ ତିନି ଜଣଙ୍କ ଆବଶ୍ୟକତା ଥିବାବେଳେ, କେବଳ ଜଣେ ବିଶେଷଜ୍ଞ ଉପଲବ୍ଧ ଥିଲେ ।

- ପଦବୀ ଗୁଡ଼ିକରେ ଆବଶ୍ୟକତାର ମାତ୍ର 34 ରୁ 46 ପ୍ରତିଶତ ଉପଲବ୍ଧ ସହିତ ଦୁଇଟି ଡିଏଚ୍ଏଚ୍ (ଭଦ୍ରକ ଏବଂ ପୁରୀ) ରେ ଷ୍ଟାଫ୍ ନର୍ସ/ ନର୍ସିଂ ଅଫିସରଙ୍କ ଖାଲି ଥିବା ପଦବୀ ସଂଖ୍ୟା ଅଧିକ ଥିଲା । ଷ୍ଟାଫ୍ ନର୍ସଙ୍କ ଅଭାବ ହେତୁ ଏହି ଡାକ୍ତରଖାନାଗୁଡ଼ିକରେ ରୋଗୀ ସେବା ବାଧାପ୍ରାପ୍ତ ହୋଇଥିଲା ଏବଂ ବିଦ୍ୟମାନ କର୍ମଚାରୀଙ୍କ ଉପରେ ଅଧିକ କାର୍ଯ୍ୟଭାର ରହିଥିଲା, ଯାହା ରୋଗୀ ସେବାର ଗୁଣବତ୍ତା ଉପରେ ପ୍ରତିକୂଳ ପ୍ରଭାବ ପକାଇଥିଲା ।
- ପରୀକ୍ଷା ଯାଞ୍ଚ ଡିଏଚ୍ଏଚ୍ ମଧ୍ୟରୁ ଛଅଟି ଡିଏଚ୍ଏଚ୍‌ରେ ପାରାମେଡିକ୍ସ କର୍ମଚାରୀଙ୍କ ଉପଲବ୍ଧତା 40 ପ୍ରତିଶତରୁ କମ୍ ଥିବାବେଳେ ପୁରୀ ଡିଏଚ୍ଏଚ୍‌ରେ ଏହା 40 ପ୍ରତିଶତରୁ ଅଧିକ ଥିଲା। ଲାବୋରେଟୋରୀ ଟେକ୍‌ସିଆନଙ୍କ ଅଭାବ ହେତୁ ଡାଇଗ୍ନୋଷ୍ଟିକ୍ ଏବଂ ରାଡିଓଲୋଜି ସେବା ପର୍ଯ୍ୟାପ୍ତ ନଥିଲା କିମ୍ବା ଏହି ସେବା ରୋଗୀଙ୍କୁ ପ୍ରଦାନ କରାଯାଇନଥିଲା । ଏହା ଫଳରେ ଯନ୍ତ୍ରପାତିଗୁଡ଼ିକ ନିଷ୍କ୍ରିୟ ଭାବେ ପଡ଼ି ରହିଥିଲା, ଯାହା **ଅଧ୍ୟାୟ 4** ରେ ଆଲୋଚିତ ହୋଇଛି ।

### *2.1.4.2 ଅସ୍ତ୍ରୋପଚାର ଗୃହ ପାଇଁ ମାନବ ସମ୍ବଳର ଉପଲବ୍ଧତା*

ଆଇପିଏଚ୍ଏସ୍ ଅନୁଯାୟୀ ଅସ୍ତ୍ରୋପଚାର ଗୃହରେ ଅସ୍ତ୍ରୋପଚାର କିମ୍ବା ରୋଗୀ ସେବା ପାଇଁ ସାଧାରଣତଃ ସର୍ଜନ୍, ନିଶ୍ଚେତକ ନର୍ସ (ବେଳେବେଳେ ପାଥୋଲୋଜିଷ୍ଟ ଏବଂ ରାଡିଓଲୋଜିଷ୍ଟ) ମାନଙ୍କରେ ଏକ ଦଳ ଉପସ୍ଥିତ ରୁହନ୍ତି । ଏହା ବ୍ୟତୀତ, ଶଯ୍ୟା କ୍ଷମତା ଅନୁଯାୟୀ, 4 ରୁ 14 ଓଟି ଟେକ୍‌ସିଆନ୍ ଜିଲ୍ଲା ଡାକ୍ତରଖାନାଗୁଡ଼ିକରେ ଉପଲବ୍ଧ ରହିବା ଉଚିତ୍ ।

ସମୀକ୍ଷା ଲକ୍ଷ୍ୟ କଲେ ଯେ, ପରୀକ୍ଷା ଯାଞ୍ଚ ଡିଏଚ୍ଏଚ୍‌ଗୁଡ଼ିକରେ କୌଣସି ଓଟି ଟେକ୍‌ନିସିଆନ ସ୍ଥାପିତ ହୋଇନଥିଲେ । ଯାହାହେଉ, ଷ୍ଟାଫ୍ ନର୍ସ ଏବଂ ଓଟି ସହାୟକ ମାନେ ଉପଲବ୍ଧ ଥିଲେ ।

ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ବ୍ୟକ୍ତ କରିଥିଲେ (ଫେବୃଆରୀ 2023) ଯେ, ଆଇପିଏଚ୍ଏସ୍ ମାନଦଣ୍ଡ ଅନୁସାରେ ଆବଶ୍ୟକ କର୍ମଚାରୀ ଯୋଗାଇ ଦିଆଯିବ ।

### 2.1.5 ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ମାନବ ସମ୍ବଳ

14 ଟି ପରୀକ୍ଷା ଯାଞ୍ଚ ସିଏଚ୍‌ସିରେ, ଅତ୍ୟାବଶ୍ୟକ ଚିକିତ୍ସା ସେବା ଯୋଗାଇବା ପାଇଁ କ୍ଲିନିକାଲ୍ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ଘୋର ଅଭାବ ଦେଖାଯାଇଥିଲା । ଆର୍ଥିକ ବର୍ଷ 2021-22 ରେ ଏହି ସିଏଚ୍‌ସି ଗୁଡ଼ିକରେ ଡାକ୍ତରଙ୍କ ଉପଲବ୍ଧତା, **ପରିଶିଷ୍ଟ 2.6** ରେ ବିସ୍ତୃତ ଭାବେ ଦର୍ଶାଯାଇଛି । ସମୀକ୍ଷା ଅବଲୋକନ କଲେ ଯେ:

- 14 ଟି ପରୀକ୍ଷା ଯାଞ୍ଚ ସିଏଚ୍‌ସି ମଧ୍ୟରୁ ଛଅଟିରେ[17] ମେଡିକାଲ୍ ଅଧିକ୍ଷକ ନିଯୁକ୍ତି ହୋଇନଥିଲା, ଯିଏ ଏନ୍ଏଚ୍ଏମ୍ ପ୍ରୋଗ୍ରାମର ପର୍ଯ୍ୟବେକ୍ଷଣ ସମେତ ଡାକ୍ତରଖାନାର ସାମଗ୍ରିକ ପ୍ରଶାସନ/ ପରିଚାଳନା ପାଇଁ ଦାୟୀ ରୁହନ୍ତି । ଏହି ଛଅଟି ସିଏଚ୍‌ସିରେ ଉପଲବ୍ଧ ଜେନେରାଲ୍ ଡ୍ୟୁଟି ମେଡିକାଲ୍ ଅଫିସର (ଡିଡିଏମ୍ଓ)/ ବିଶେଷଜ୍ଞଙ୍କୁ ମେଡିକାଲ ଅଧିକ୍ଷକଙ୍କ ଦାୟିତ୍ୱ ତୁଲାଇବାକୁ ପଡୁଥିଲା, ଯାହା ପରୋକ୍ଷରେ ଏହି ସିଏଚ୍‌ସିରେ ରୋଗୀଙ୍କୁ ଆନୁଷଙ୍ଗିକ ଚିକିତ୍ସା ସେବା ପ୍ରଦାନରେ ବାଧା ସୃଷ୍ଟି କରିଥିଲା ।
- 14 ଟି ପରୀକ୍ଷା ଯାଞ୍ଚ ସିଏଚ୍‌ସିରେ ଆଇପିଏଚ୍ଏସ୍, 2012 ଅନୁଯାୟୀ, ଚାରିଟି ମୁଖ୍ୟ ବର୍ଗରେ (ମେଡିସିନ୍, ସର୍ଜରୀ, ଓ ଆଣ୍ଡ ଜି ଏବଂ ପେଡିଆଟ୍ରିକ୍ସ) 56 ଜଣ ବିଶେଷଜ୍ଞଙ୍କ ଆବଶ୍ୟକତା ବିପକ୍ଷରେ, 42 (75 ପ୍ରତିଶତ) ଜଣ ଉପଲବ୍ଧ ନଥିଲେ, ଯାହା **ଚାର୍ଟ 2.6** ରେ ଦର୍ଶାଯାଇଛି ।

[17] ବାସୁଦେବପୁର; ଖଜୁରିକଟା; ଶ୍ରୀରାମଚନ୍ଦ୍ରପୁର; ରାଇକିଆ, କୋମନା

**Chart 2.6: Non-availability of Specialists in the 14 test-checked CHCs**




***(ଉତ୍ସ: ପରୀକ୍ଷା ଯାଞ୍ଚ ସିଏଚ୍‌ସିଗୁଡ଼ିକ ଦ୍ୱାରା ପ୍ରଦତ୍ତ ସୂଚନା)***

କେବଳ ସିଏଚ୍‌ସି, କୋମନାରେ ଜଣେ ମେଡିସିନ୍ ବିଶେଷଜ୍ଞ ଉପଲବ୍ଧ ଥିବାବେଳେ ସର୍ଜରୀ ବିଶେଷଜ୍ଞ କେବଳ ବାସୁଦେବପୁର ସିଏଚ୍‌ସିରେ ଉପଲବ୍ଧ ଥିଲେ । ସେହିଭଳି, 14 ଟି ପରୀକ୍ଷା ଯାଞ୍ଚ ସିଏଚ୍‌ସି ମଧ୍ୟରୁ କେବଳ ପାଞ୍ଚଟିରେ[18] ଓ ଆଣ୍ଡ ଜି ବିଶେଷଜ୍ଞ ଏବଂ ଶିଶୁରୋଗ ବିଶେଷଜ୍ଞ ଉପଲବ୍ଧ ଥିଲେ । ଏହିପରି, ସିଏଚ୍‌ସି ଗିଡ଼ିକରେ ବିଶେଷଜ୍ଞଙ୍କ ଆବଶ୍ୟକତା ଏବଂ ଉପଲବ୍ଧତା ମଧ୍ୟରେ ଏକ ଉଲ୍ଲେଖନୀୟ ବ୍ୟବଧାନ ରହିଥିଲା, ଯେଉଁ କାରଣରୁ ସ୍ଥାନୀୟ ରୋଗୀଙ୍କୁ ମାତୃତ୍ୱ ଏବଂ ନବଜାତକ ସେବା ସମେତ ବିଶେଷଜ୍ଞ ଚିକିତ୍ସା ସେବା ପ୍ରଦାନରେ ବାଧା ସୃଷ୍ଟି ହୋଇଥିଲା ।

- ସିଏଚ୍‌ସି ଗୁଡ଼ିକରେ ଷ୍ଟାଫ୍ ନର୍ସ ଏବଂ ପାରାମେଡିକ୍ ମାନଙ୍କ ସ୍ଥିତି ମଧ୍ୟ ଉତ୍ସାହଜନକ ନଥିଲା । 14 ଟି ପରୀକ୍ଷା ଯାଞ୍ଚ ସିଏଚ୍‌ସିରେ ଆର୍ଥିକ ବର୍ଷ 2021-22 ରେ 140 ଷ୍ଟାଫ୍ ନର୍ସଙ୍କ ଆବଶ୍ୟକତା ବିପକ୍ଷରେ ମାତ୍ର 69 (49 ପ୍ରତିଶତ) ଜଣ ଉପଲବ୍ଧ ଥିଲେ ।

- ପରୀକ୍ଷା ଯାଞ୍ଚ ସିଏଚ୍‌ସି ଗୁଡ଼ିକରେ ନଅ ଜଣ ଲାବୋରେଟୋରୀ ଟେକ୍ନିସିଆନଙ୍କ ଅଭାବ ରହିଥିଲା, ଯାହା ଡାକ୍ତରଖାନା ଗୁଡ଼ିକରେ ଡାଇଗ୍ନୋଷ୍ଟିକ୍ ସେବାରେ ବାଧା ସୃଷ୍ଟି କରିଥିଲା । ଉଦାହରଣ ସ୍ୱରୂପ, ଲାବୋରେଟୋରୀ ଟେକ୍ନିସିଆନଙ୍କ ଅଭାବ ହେତୁ ବରପଦା ସିଏଚ୍‌ସିରେ ଯନ୍ତ୍ରପାତି ଓ ଭିତ୍ତିଭୂମିର ଉପଲବ୍ଧତା ସତ୍ତ୍ୱେ ରକ୍ତ ୟୁରିଆ, ବ୍ଲଡ୍ କୋଲେଷ୍ଟ୍ରଲ୍, ଯକୃତ କାର୍ଯ୍ୟକାରୀ, କିଡ୍‌ନୀ କାର୍ଯ୍ୟକାରିତା ପରୀକ୍ଷା, ଲିପିଡି ପ୍ରୋଫାଇଲ୍ ଇତ୍ୟାଦି ପାଥୋଲୋଜିକାଲ୍ ପରୀକ୍ଷା କରାଯାଉ ନଥିଲା । ସେହିଭଳି, ଟେକ୍‌ନିସିଆନଙ୍କ ଅଭାବ ହେତୁ ସିଏଚ୍‌ସି, ବାସୁଦେବପୁରରେ ରକ୍ତ ସଂରକ୍ଷଣ ୟୁନିଟ୍ କାର୍ଯ୍ୟକ୍ଷମ ନଥିଲା ।

ଏହିପରି, ଆଇପିଏଚ୍‌ଏସ୍ ମାନଦଣ୍ଡ ତୁଳନାରେ ପରୀକ୍ଷା ଯାଞ୍ଚ ସିଏଚ୍‌ସି ଗୁଡ଼ିକରେ ଡାକ୍ତରୀ କର୍ମଚାରୀଙ୍କ ଯଥେଷ୍ଟ ଅଭାବ ରହିଥିଲା, ଯାହା ସ୍ଥାନୀୟ ଅଞ୍ଚଳର ରୋଗୀଙ୍କ ଡାକ୍ତରଖାନା ଚିକିତ୍ସାକୁ ପ୍ରଭାବିତ କରିଥିଲା ।

### 2.1.5.1 *ସିଏଚ୍‌ସି ଗୁଡ଼ିକରେ ଦନ୍ତ ଚିକିତ୍ସକଙ୍କ ଯଥାର୍ଥତା ବିହୀନ ନିଯୁକ୍ତି*

ଅଡିଟ୍ ଲକ୍ଷ୍ୟ କଲେ ଯେ, ସମ୍ପୃକ୍ତ ସିଏଚ୍‌ସି ଗୁଡ଼ିକୁ ଦନ୍ତ ଚିକିତ୍ସା ଉପକରଣ ଯୋଗାଣ ବିନା ଦନ୍ତ ଚିକିତ୍ସକ ନିଯୁକ୍ତି କରାଯାଇଥିଲା କିମ୍ବା ବିପରୀତ ଭାବରେ ଦନ୍ତ ଚିକିତ୍ସକଙ୍କ ନିଯୁକ୍ତି ବିନା ଦନ୍ତ ଚିକିତ୍ସା ଉପକରଣ ଯୋଗାଣ କରାଯାଇଥିଲା, ଯାହା **ସାରଣୀ 2.4** ରେ ବିସ୍ତୃତ ଭାବରେ ଦର୍ଶାଯାଇଛି ।

---

[18] <u>ଓଏବଂଜି ବିଶେଷଜ୍ଞ</u>: ବାସୁଦେବପୁର; ଲହୁଣୀପଡ଼ା; ଖରିଆରରୋଡ଼; ପାପଡ଼ାହାଣ୍ଡି; ନିମାପଡ଼ା; ଶିଶୁ ରୋଗ ବିଶେଷଜ୍ଞ: ବାସୁଦେବପୁର; କୁଆଁରମୁଣ୍ଡା; ଖରିଆରରୋଡ଼; କୋମନା; ନିମାପଡ଼ା

**ସାରଣୀ 2.4: ସିଏଚ୍‌ସି ଗୁଡ଼ିକରେ ଦନ୍ତ ଚିକିତ୍ସକଙ୍କ ଏବଂ ଦନ୍ତ ଚିକିତ୍ସା ଉପକରଣର ସ୍ଥିତି**

| ଜିଲ୍ଲା | ଉପକରଣ ବିନା ଦନ୍ତ ଚିକିତ୍ସକ ଥିବା ସିଏଚ୍‌ସି | ଦନ୍ତ ଚିକିତ୍ସକଙ୍କ ବିନା ଚିକିତ୍ସା ଉପକରଣ ଥିବା ସିଏଚ୍‌ସି |
|---|---|---|
| ଭଦ୍ରକ | 5 | 0 |
| ଢେଙ୍କାନାଳ | 7 | 0 |
| ନବରଙ୍ଗପୁର | 0 | 4 |
| ସୁନ୍ଦରଗଡ଼ | 11 | 3 |
| ପୁରୀ | 14 | 0 |
| **ମୋଟ** | **37** | **7** |

*(ଉତ୍ସ: ପରୀକ୍ଷା ଯାଞ୍ଚ ଡିଏଚ୍‌ଏଚ୍ ଏବଂ ଜେପିଆଇ ରୁ ପ୍ରାପ୍ତ ତଥ୍ୟ)*

ଉପରୋକ୍ତ ତଥ୍ୟରୁ ଲକ୍ଷ୍ୟ କରାଗଲା ଯେ, ପରୀକ୍ଷା ଯାଞ୍ଚ ପାଞ୍ଚଟି ଜିଲ୍ଲାର 37 ଟି ସିଏଚ୍‌ସିରେ ଦନ୍ତ ଚିକିତ୍ସା ଚେୟାର ସହିତ ଦନ୍ତ ଚିକିତ୍ସା ଉପକରଣ ଉପଲବ୍ଧ ନଥିବା ସତ୍ତ୍ୱେ ଦନ୍ତ ଚିକିତ୍ସକ ନିଯୁକ୍ତି ହୋଇଥିଲେ । ବିପରୀତ ଭାବରେ ଦନ୍ତ ଚିକିତ୍ସକ କାର୍ଯ୍ୟରତ ନଥିବା ସାତଟି ସିଏଚ୍‌ସିକୁ ଦନ୍ତ ଚିକିତ୍ସା ଉପକରଣ ଯୋଗାଇ ଦିଆଯାଇଥିଲା । ଏହିପରି, ଦନ୍ତ ଚିକିତ୍ସକଙ୍କ ନିଯୁକ୍ତି ଏବଂ ଦନ୍ତ ଚିକିତ୍ସା ଉପକରଣ ଯୋଗାଣ ମଧ୍ୟରେ କୌଣସି ସହ ସମ୍ପର୍କ ନଥିଲା । ଫଳସ୍ୱରୁପ, ସିଏଚ୍‌ସି ରେ ଥିବା ଦନ୍ତ ଚିକିତ୍ସକମାନେ ଆବଶ୍ୟକ ଉପକରଣ ବିନା ରୋଗୀଙ୍କୁ ଉପଯୁକ୍ତ ଦନ୍ତ ଚିକିତ୍ସା ଯୋଗାଇ ପାରିନଥିଲେ । ଅନ୍ୟପକ୍ଷରେ, ଦନ୍ତ ଚିକିତ୍ସକ ନିଯୁକ୍ତି ନକରି ସିଏଚ୍‌ସି ଗୁଡ଼ିକୁ ରାଜ୍ୟ ସମ୍ବଳରୁ ଯୋଗାଇ ଦିଆଯାଉଥିବା ଏହି ଉପକରଣଗୁଡ଼ିକ ନିଷ୍କ୍ରିୟ/ ଅଣ-କାର୍ଯ୍ୟକ୍ଷମ ରହିଥିଲା ।

ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ବ୍ୟକ୍ତ କଲେ (ଫେବୃଆରୀ 2023) ଯେ, ଜନସ୍ୱାସ୍ଥ୍ୟ ବ୍ୟବସ୍ଥାର ନବୀକରଣ ପ୍ରସ୍ତାବ ସରକାରଙ୍କ ସକ୍ରିୟ ବିଚାରରେ ରହିଥିଲା ଏବଂ 2025 ସୁଦ୍ଧା ଡାକ୍ତରଖାନା ଗୁଡ଼ିକରେ ମାନବସମ୍ବଳ ସ୍ଥିତିରେ ଉନ୍ନତି ଆସିବ ।

### 2.1.6 ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ମାନବ ସମ୍ବଳ

ସ୍ୱାସ୍ଥ୍ୟସେବା ସୁବିଧା ଗୁଡ଼ିକରେ ଦିନରାତି ସେବା ପ୍ରଦାନକୁ ସୁନିଶ୍ଚିତ କରିବାକୁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକ ମୌଳିକ ପ୍ରସୂତି ଏବଂ ନର୍ସିଂ ସୁବିଧା ସହିତ 24 ଘଣ୍ଟିଆ ସେବା ପ୍ରଦାନ କରିବା ଆଶା କରାଯାଏ । ଏନ୍‌ଏଚ୍‌ଏମ୍ ଅଧିନରେ ବିଭିନ୍ନ ଚିକିତ୍ସା ପ୍ରତିଷ୍ଠାନ ଗୁଡ଼ିକରେ ଅତି କମ୍‌ରେ ତିନିଜଣ ଷ୍ଟାଫ୍ ନର୍ସଙ୍କୁ ରଖି ବିଭିନ୍ନ ପର୍ଯ୍ୟାୟରେ 24 X 7 ସେବା ଯୋଗାଇବା ପାଇଁ ପିଏଚ୍‌ସିଗୁଡ଼ିକୁ କାର୍ଯ୍ୟକ୍ଷମ କରିବା ଆବଶ୍ୟକ । ପିଏଚ୍‌ସି ଗୁଡ଼ିକ ମଧ ଆନୁଷ୍ଠାନିକ ପ୍ରସବ ସଂଖ୍ୟା ବୃଦ୍ଧିରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବେ ବୋଲି ଆଶା କରାଯାଏ, ଯାହା ମାତୃ ମୃତ୍ୟୁହାର ହ୍ରାସ କରିବାରେ ସହାୟକ ହେବ ।

ଅଡିଟ୍ ଲକ୍ଷ୍ୟ କଲେ ଯେ, ଆର୍ଥିକ ବର୍ଷ 2021-22 ଅବଧିରେ ପରୀକ୍ଷା ଯାଞ୍ଚ ପିଏଚ୍‌ସି ଗୁଡ଼ିକରେ ଆଇପିଏଚ୍‌ଏସ୍ ମାନଦଣ୍ଡ ଅନୁଯାୟୀ, ଆବଶ୍ୟକ ମାନବ ସମ୍ବଳ ଉପଲବ୍ଧ ନଥିଲା । ପିଏଚ୍‌ସି ଗୁଡ଼ିକରେ ସହାୟକ ନର୍ସ-ମିଡୱାଇଫ୍(ଏଏନ୍‌ଏମ୍)/ ଷ୍ଟାଫ୍ ନର୍ସ, ଲାବୋରେଟୋରୀ ଟେକ୍‌ନିସିଆନ୍(ଏଲ୍‌ଟି), ସ୍ୱାସ୍ଥ୍ୟ କର୍ମୀ (ଏଚ୍‌ଡବ୍ଲ୍ୟୁ), ସ୍ୱାସ୍ଥ୍ୟ ସହାୟକ(ଏଚ୍‌ଏ)/ ଲେଡି ହେଲ୍‌ଥ ଭିଜିଟର (ଏଲ୍‌ଏଚ୍‌ଭି) ଇତ୍ୟାଦି ବର୍ଗରେ ଘୋର ଅଭାବ ଦେଖାଦେଇଥିଲା । ପରୀକ୍ଷା ଯାଞ୍ଚ ପିଏଚ୍‌ସି ଗୁଡ଼ିକରେ ଆର୍ଥିକ ବର୍ଷ 2021-22 ଅବଧିରେ ଉପଲବ୍ଧ ଥିବା ମାନବ ସମ୍ବଳର ସ୍ଥିତି **ସାରଣୀ 2.5** ରେ ଦର୍ଶାଯାଇଛି ।

**ସାରଣୀ 2.5: ପରୀକ୍ଷା ଯାଞ୍ଚ ପିଏଚ୍‌ସି ଗୁଡ଼ିକରେ ମାନବ ସମ୍ବଳର ଉପଲବ୍ଧତା**

| ପିଏଚ୍‌ସି | ମେଡିକାଲ ଅଫିସର (ଏମ୍‌ବିବିଏସ୍) | ପରୀକ୍ଷା ଯାଞ୍ଚ ପିଏଚ୍‌ସି ଗୁଡ଼ିକରେ କ୍ଲିନିକାଲ ମାନବ ସମ୍ବଳର ଉପଲବ୍ଧତା | | | | | | |
|---|---|---|---|---|---|---|---|---|
| | | ଫାର୍ମାସିଷ୍ଟ | ଏଏନ୍‌ଏମ୍ (ଷ୍ଟାଫ୍ ନର୍ସ) | ସ୍ୱାସ୍ଥ୍ୟକର୍ମୀ (ମହିଳା) | ସ୍ୱାସ୍ଥ୍ୟକର୍ମୀ (ପୁରୁଷ) | ସ୍ୱାସ୍ଥ୍ୟ ସହାୟକ (ମହିଳା)/ ଏଲ୍‌ଏଚଭି | ଏଲ୍‌ଟି | ସାନିଟାରୀ ୱାର୍କର/ ୱାଚମ୍ୟାନ୍ |
| ସାବରଙ୍ଗ | ହଁ | ହଁ | ନାଁ | ନାଁ | ନାଁ | ହଁ | ନାଁ | ନାଁ |
| ଏରତାଳ | ହଁ | ହଁ | ନାଁ | ହଁ | ନାଁ | ହଁ | ନାଁ | ନାଁ |
| ରାସୋଳ | ହଁ | ହଁ | ନାଁ | ନାଁ | ନାଁ | ନାଁ | ହଁ | ହଁ |
| ଯୋରନ୍ଦା | ହଁ | ହଁ | ନାଁ | ହଁ | ନାଁ | ହଁ | ନାଁ | ହଁ |
| ଖୁଣ୍ଟାଗାଁ | ନାଁ | ହଁ | ନାଁ | ନାଁ | ନାଁ | ହଁ | ହଁ | ହଁ |
| ଅଂଡାଳିଜାମବାହାଲ | ହଁ | ହଁ | ନାଁ | ହଁ | ନାଁ | ନାଁ | ନାଁ | ହଁ |
| ଇନ୍ଦ୍ରଗଡ଼ | ହଁ | ହଁ | ନାଁ | ନାଁ | ନାଁ | ନାଁ | ନାଁ | ନାଁ |
| ରଂଜବରଡ଼ୀ | ହଁ | ହଁ | ନାଁ | ନାଁ | ନାଁ | ନାଁ | ନାଁ | ନାଁ |
| ଦର୍ଲିମୁଣ୍ଡା | ହଁ | ହଁ | ହଁ | ହଁ | ନାଁ | ହଁ | ନାଁ | ହଁ |
| ରତବୋଡ଼ | ହଁ | ନାଁ | ହଁ | ହଁ | ନାଁ | ନାଁ | ନାଁ | ନାଁ |
| କୋଡିଙ୍ଗା | ହଁ | ହଁ | ହଁ | ହଁ | ନାଁ | ହଁ | ନାଁ | ନାଁ |
| ମୈଦାନପୁର | ହଁ | ହଁ | ହଁ | ହଁ | ନାଁ | ହଁ | ନାଁ | ନାଁ |
| ବାଡ଼ାଣୀଗାଁ | ହଁ | ହଁ | ନାଁ | ନାଁ | ନାଁ | ନାଁ | ନାଁ | ହଁ |
| ଫକିରସାହି | ହଁ | ହଁ | ନାଁ | ହଁ | ନାଁ | ନାଁ | ହଁ | ହଁ |

***(ଉତ୍ସ: ପରୀକ୍ଷା-ଯାଞ୍ଚ ପିଏଚ୍‌ସି ରୁ ପ୍ରାପ୍ତ ତଥ୍ୟ)***

ଉପରୋକ୍ତ ସାରଣୀରୁ ଏହା ଦେଖାଗଲେ ଯେ, 14 ଟି ପରୀକ୍ଷା ଯାଞ୍ଚ ପିଏଚ୍‌ସି ମଧ୍ୟରୁ ଷ୍ଟାଫ୍ ନର୍ସ ଏବଂ ଲାବୋରେଟୋରୀ ଟେକ୍‌ନିସିଆନ୍ ଯଥାକ୍ରମେ ଚାରି ଏବଂ ତିନୋଟି ପିଏଚ୍‌ସି ରେ ଉପଲବ୍ଧ ଥିଲେ । କୌଣସି ପରୀକ୍ଷା ଯାଞ୍ଚ ପିଏଚ୍‌ସି ରେ ଏଚ୍‌ଡବ୍ଲ୍ୟୁ (ପୁରୁଷ) ଉପଲବ୍ଧ ନଥିଲେ, କିନ୍ତୁ ମହିଳା ଏଚ୍‌ଡବ୍ଲ୍ୟୁ ମାନେ କେବଳ ଆଠଟି ପିଏଚ୍‌ସି ରେ ନିୟୋଜିତ ହୋଇଥିଲେ । ପରୀକ୍ଷା ଯାଞ୍ଚ ପିଏଚ୍‌ସି ଗୁଡ଼ିକରେ ତିନୋଟି ପ୍ରମୁଖ ପଦବୀର ଖାଲି ପଡ଼ିଥିବାର ପଦର ସ୍ଥିତି **ଚାର୍ଟ 2.7** ରେ ଦର୍ଶାଯାଇଛି ।




**Chart 2.7 : Non-availability of manpower in the 14 test-checked PHCs**

***(ଉତ୍ସ:- 14 ପରୀକ୍ଷା ଯାଞ୍ଚ ପିଏଚ୍‌ସି ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା)***

ପିଏଚ୍‌ସିଗୁଡ଼ିକରେ ମାନବ ସମ୍ବଳର ଅଭାବ/ ଅନୁପଲବ୍ଧତା ହେତୁ, ରୋଗୀଙ୍କୁ ଅତ୍ୟାବଶ୍ୟକ କ୍ଲିନିକାଲ ସେବା ଯୋଗାଇ ଦିଆଯାଉ ନଥିଲା । ଏହିପରି କିଛି ଦୃଷ୍ଟାନ୍ତ ନିମ୍ନରେ ଦିଆଯାଇଛି:

- ଏଲଟିର ଅନୁପସ୍ଥିତିରେ, ପରୀକ୍ଷା ଯାଞ୍ଚ ହୋଇଥିବା ପିଏଚସି ଗୁଡିକରେ ଡାଇଗ୍ନୋଷ୍ଟିକ୍/ ଲାବୋରେଟୋରୀ ସେବାଗୁଡିକର ସଂପୂର୍ଣ୍ଣ ପରିସର ଉପଲବ୍ଧ ନଥିଲା । କେବଳ ରୁଟିନ୍ ମ୍ୟାଲେରିଆ ପରୀକ୍ଷା ଏବଂ ରକ୍ତ ଶର୍କରା ର ଶୀଘ୍ର ପରୀକ୍ଷା କରାଯାଉଥିଲା । ହେମୋଗ୍ଲୋବିନ୍, ପରିସ୍ରା ଆଲବମିନ୍ ଏବଂ ଚିନି, ଆରପିଆର୍ (ରାପିଡ୍ ପ୍ଲାଜମା ପୁନ ପ୍ରାପ୍ତ), ସିଫିଯସ ପରୀକ୍ଷା, ରକ୍ତ ବର୍ଗୀକରଣ ଏବଂ ଆର ଏଚ୍ ଟାଇପିଂ ଇସିଜି ଇତ୍ୟାଦି ଭଳି ଅନ୍ୟାନ୍ୟ ଅନୁସନ୍ଧାନ କରାଯାଇ ନଥିଲା ।
- ଷ୍ଟାଫ୍ ନର୍ସ /ଏଏନଏମ୍ମାନଙ୍କର ଅନୁପସ୍ଥିତି ଯୋଗୁଁ ମାତୃତ୍ୱ ସେବା ପର୍ଯ୍ୟାପ୍ତ ହୋଇନଥିଲା । ଏଏନ୍ଏମ୍ ମାନଙ୍କର ଅନୁପଲବ୍ଧତା ହେତୁ ସାବରଙ୍ଗ ପିଏଚ୍ସିରେ ମାର୍ଚ୍ଚ 2021 ଠାରୁ ପ୍ରସବ ସୁବିଧା ବନ୍ଦ ରହିଥିଲା ।
- 2016-22 ସମଗ୍ର ଅବଧି ମଧ୍ୟରେ ପିଏଚସି, ଖୁଣ୍ଟ ଗାଁରେ କୌଣସି ଏଲୋପାଥିକ୍ ଡାକ୍ତର ଉପଲବ୍ଧ ନଥିଲେ ଏବଂ ରୋଗୀମାନେ ଆୟୁଷ ଡାକ୍ତରଙ୍କ ଦ୍ୱାରା ଚିକିତ୍ସିତ ହେଉଥିଲେ । ଏମବିବିଏସ୍ ଡାକ୍ତରଙ୍କ ଅନୁପସ୍ଥିତିରେ ତିନିଟି[19] ପିଏଚସିରେ ଫାର୍ମାସିଷ୍ଟମାନେ ରୋଗୀମାନଙ୍କୁ ଚିକିତ୍ସା କରୁଥିଲେ ।

ପରୀକ୍ଷା ଯାଞ୍ଚ ଡାକ୍ତରଖାନାଗୁଡିକରେ, ଆଇପିଏଚଏସ୍ ନିୟମ ଅନୁଯାୟୀ ଆବଶ୍ୟକତା ତୁଳନାରେ ଡାକ୍ତର, ନର୍ସ ଏବଂ ପାରାମେଡିକ୍ ମାନଙ୍କର ଉପଲବ୍ଧତାରେ ଯଥେଷ୍ଟ ଭିନ୍ନତା ଥିଲା ଏବଂ ସଂପୃକ୍ତ ଡାକ୍ତରଖାନାଗୁଡିକରେ ଏହା ଶଯ୍ୟା ସଂଖ୍ୟା କିମ୍ବା ସେମାନଙ୍କ ରୋଗୀ ଭାର ଅନୁଯାୟୀ ନଥିଲା ।

### 2.1.7 ଉପ-କେନ୍ଦ୍ରଗୁଡିକରେ ମାନବ ସମ୍ବଳ

ଆଇପିଏଚଏସ୍ ନିୟମ ଅନୁଯାୟୀ, ପ୍ରତ୍ୟେକ ଉପକେନ୍ଦ୍ରରେ ସର୍ବନିମ୍ନ ଜଣେ ଏଏନଏମ୍ / ସ୍ୱାସ୍ଥ୍ୟ କର୍ମୀ (ମହିଳା) ଏବଂ ଜଣେ ସ୍ୱାସ୍ଥ୍ୟ କର୍ମୀ (ପୁରୁଷ ) ରହିବା ଉଚିତ୍ । ଅଡିଟ୍ ଲକ୍ଷ୍ୟ କଲେ ଯେ, ଉପକେନ୍ଦ୍ର ଗୁଡ଼ିକରେ ଆବଶ୍ୟକ ମାନବ ସମ୍ବଳ ଉପଲବ୍ଧ ନଥିଲା । ରାଜ୍ୟରେ 6,688 ଏସସି ପାଇଁ 7,237 ଏଏନଏମ୍/ ସ୍ୱାସ୍ଥ୍ୟ କର୍ମୀ (ମହିଳା) ଙ୍କ ଅନୁମୋଦିତ ପଦବୀ ବିପକ୍ଷରେ, ମାର୍ଚ୍ଚ 2022 ସୁଦ୍ଧା 6,716 ଜଣ ବ୍ୟକ୍ତି କାର୍ଯ୍ୟରତ ଥିଲେ । ସେହିପରି 4,953 ର ଅନୁମୋଦିତ ପଦବୀ ବିପକ୍ଷରେ ମାତ୍ର 3,499 ସ୍ୱାସ୍ଥ୍ୟ କର୍ମୀ (ପୁରୁଷ)ଉପଲବ୍ଧ ଥିଲେ ବି 29 ପ୍ରତିଶତ ଖାଲି ପଡ଼ିଥିଲା । ଉପକେନ୍ଦ୍ର ଗୁଡ଼ିକର ଜିଲ୍ଲା ଅନୁଯାୟୀ ମାନବ ସମ୍ବଳ ଉପଲବ୍ଧତା **ପରିଶିଷ୍ଟ 2.7** ରେ ଦର୍ଶାଯାଇଛି ।

### 2.1.8 ସ୍ୱାସ୍ଥ୍ୟ ପ୍ରତିଷ୍ଠାନଗୁଡିକରେ ଆୟୁଷ୍ ଅଧୀନରେ ଥିବା ମାନବ ସମ୍ବଳର ଉପଲବ୍ଧତା

ଡାକ୍ତଖାନା/ ଡିସ୍ପେନ୍ସାରୀ ଗୁଡ଼ିକରେ ଗୁଣାତ୍ମକ ଆୟୁଷ ସ୍ୱାସ୍ଥ୍ୟ ସେବା ବିତରଣ ମୁଖ୍ୟତଃ ମାନବ ସମ୍ବଳର ପର୍ଯ୍ୟାପ୍ତ ଉପଲବ୍ଧତା ଉପରେ ନିର୍ଭର କରେ । ମାର୍ଚ୍ଚ 2022 ସୁଦ୍ଧା ଆୟୁଷ ଡାକ୍ତରଖାନା ଏବଂ ଡିସ୍ପେନ୍ସାରୀ ଗୁଡ଼ିକରେ ମାନବ ସମ୍ବଳର ଉପଲବ୍ଧତା **ସାରଣୀ 2.6** ରେ ଦର୍ଶାଯାଇଛି ।

**ସାରଣୀ 2.6: ଆୟୁଷ୍ ସ୍ୱାସ୍ଥ୍ୟ ପ୍ରତିଷ୍ଠାନଗୁଡିକରେ ଅନୁମୋଦିତ ପଦବୀ ଏବଂ କାର୍ଯ୍ୟରତ ବ୍ୟକ୍ତି**

| ପଦବୀ | ଅନୁମୋଦିତ କ୍ଷମତା | ବ୍ୟକ୍ତି-ଅବସ୍ଥାରେ | ପଦବୀ | ପଦବୀ ଖାଲି |
|---|---|---|---|---|
| ଆୟୁର୍ବେଦିକ ଚିକିତ୍ସା ଅଧିକାରୀ | 690 | 574 | 116 | 17 |
| ଆୟୁର୍ବେଦିକ ସହାୟକ | 620 | 393 | 227 | 37 |
| ହୋମିଓପ୍ୟାଥିକ୍ ଚିକିତ୍ସା ଅଧିକାରୀ | 595 | 490 | 105 | 18 |
| ହୋମିଓପ୍ୟାଥିକ୍ ସହାୟକ | 570 | 353 | 217 | 38 |
| ୟୁନାନି ଚିକିତ୍ସା ଅଧିକାରୀ | 9 | 3 | 6 | 67 |
| ୟୁନାନି ସହାୟକ | 9 | 2 | 7 | 78 |

***(ଉତ୍ସ: ଆୟୁଷ ନିର୍ଦ୍ଦେଶାଳୟରୁ ପ୍ରାପ୍ତ ତଥ୍ୟ)***

[19] ପିଏଚ୍ସି, ଏରତାଳ (ଭଦ୍ରକ): ଫାର୍ମାସିଷ୍ଟ ଆର୍ଥିକ ବର୍ଷ 2018-19 ଏବଂ 2019-20 ରେ ଫାର୍ମାସିଷ୍ଟମାନେ 15,852 ରୋଗୀ ଚିକିତ୍ସା କରିଥିଲେ
ପିଏଚ୍ସି, ରଞ୍ଜାବରଡ଼ି(କନ୍ଧମାଳ): ଫର୍ମାସିଷ୍ଟ ଚିକିତ୍ସାକଲେ ଆର୍ଥିକ ବର୍ଷ 2016-17 ରୁ 2021-22 ରେ 20,384 ଜଣ ରୋଗୀ ଚିକିତ୍ସା କରିଥିଲେ
ପିଏଚ୍ସି, ଦର୍ଲିମୁଣ୍ଡା (ନୂଆପଡ଼ା): ଫର୍ମାସିଷ୍ଟ ଚିକିତ୍ସାକଲେ ଆର୍ଥିକ ବର୍ଷ 2019-20 ଏବଂ 2020-21 ରେ 6,883 ଜଣ ରୋଗୀ ଚିକିତ୍ସା କରିଥିଲେ

ସାରଣୀ 2.6 ଦର୍ଶାଏ ଯେ, ଅନୁମୋଦିତ ପଦବୀ ତୁଳନାରେ ବିଭିନ୍ନ ପଦବୀରେ ଖାଲି ଥିବା ସ୍ଥାନଗୁଡିକ 17 ପ୍ରତିଶତରୁ 78 ପ୍ରତିଁଶତ ମଧରେ ରହିଥିଲା । ଆୟୁଷ ଡାକ୍ତରଖାନାଗୁଡ଼ିକରେ ଆୟୁର୍ବେଦିକ୍ / ହୋମିଓପାଥିକ୍/ ୟୁନାନୀ ସହାୟକଙ୍କ କ୍ୟାଡରରେ ବହୁ ପଦବୀ ଖାଲି ରହିଥିଲା । ଆବଶ୍ୟକ ମାନବ ସମ୍ବଳର ଅନୁପସ୍ଥିତି, ଡାକ୍ତରଖାନା ଏବଂ ଡିସ୍‌ପେନସାରୀ ଗୁଡ଼ିକିରେ ସ୍ୱାସ୍ଥ୍ୟ ସେବାରେ ଆୟୁଷ ପ୍ରଣାଳୀର ଉତ୍କୃଷ୍ଟ ବିକାଶ ଏବଂ ପ୍ରସାର ଉପରେ ପ୍ରଭାବ ପକାଇଥାଏ । ଆୟୁର୍ବେଦ, ହୋମିଓପାଥି ଏବଂ ୟୁନାନି ପାଇଁ ଆୟୁଷ ବ୍ୟବସ୍ଥା ଅଧୀନରେ ଜିଲ୍ଲା ଅନୁଯାୟୀ ମାନବ ସମ୍ବଳ ସ୍ଥିତି ଯଥାକ୍ରମେ ***ପରିଶିଷ୍ଟ 2.8***, ***ପରିଶିଷ୍ଟ 2.9*** ଏବଂ ***ପରିଶିଷ୍ଟ 2.10*** ରେ ଦର୍ଶାଯାଇଛି ।

## 2.2 ଏମ୍‌ସିଏଚ୍ ଗୁଡ଼ିକରେ ମାନବ ସମ୍ବଳ

ଏମ୍‌ଏସ୍‌ଆର୍‌ଆର୍ 1999 ର ସିଡ୍ୟୁଲ II, ପ୍ରତ୍ୟେକ ମେଡିକାଲ କଲେଜ ଏବଂ ଏହାର ସଂଲଗ୍ନ ଶିକ୍ଷାଦାନ ଡାକ୍ତରଖାନା ଗୁଡିକରେ ଶିକ୍ଷକ କର୍ମଚାରୀ (ପ୍ରଫେସର, ସହଯୋଗୀ ପ୍ରଫେସର, ସହାୟକ ପ୍ରଫେସର ଏବଂ ସିନିୟର ରେସିଡେଣ୍ଟସ୍/ ଅଧାପକ) ଓ ଅଣଶିକ୍ଷକ କର୍ମଚାରୀଙ୍କ ସର୍ବନିମ୍ନ ଆବଶ୍ୟକତା ବର୍ଣ୍ଣନା କରେ । ଏ ବାବଦରେ କୌଣସି ସ୍ୱଳ୍ପତା ପାଇଁ ଜାତୀୟ ମେଡିକାଲ କାଉନସିଲ (ଏନ୍‌ଏମସି), ଆଡମିଶନରେ ପ୍ରତିବନ୍ଧକ ଲାଗୁ କରିବାର ଆଶଙ୍କା ଥାଏ । ସରକାରୀ ମେଡିକାଲ କଲେଜଗୁଡିକରେ ସମସ୍ତ ଶିକ୍ଷକ ଏବଂ ଅଣ ଶିକ୍ଷକ ପଦବୀ ଗୁଡ଼ିକର ମଞ୍ଜୁରୀ ଓ ପୂରଣ ପଇଁ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ଦାୟୀ ।

ଡିଏମଇଟି, ଓଡିଶା ଦ୍ୱାରା ସମୀକ୍ଷା ପାଇଁ ଉପଲବ୍ଧ କରାଇଥିବା ତଥ୍ୟ ରାଜ୍ୟର ସମସ୍ତ ଏମସିଏଚ୍ ଗୁଡିକରେ ଶିକ୍ଷକ ତଥା ଅଣ ଶିକ୍ଷକ କର୍ମଚାରୀଙ୍କ ସମସ୍ତ କ୍ୟାଡରରେ ପଦବୀଗୁଡ଼ିକ ଖାଲି ପଡିଥିବା ଦର୍ଶାଇଥିଲା, ଯାହା ଉଭୟ ଡାକ୍ତରୀ ଶିକ୍ଷା ତଥା ଡାକ୍ତରଖାନାରେରୋଗୀ ସେବା ଉପରେ ପ୍ରଭାବ ପକାଉଥିଲା । ମାର୍ଚ୍ଚ 2022 ସୁଦ୍ଧା ଅନୁମୋଦିତ ପଦବୀ ତୁଳନାରେ ପ୍ରଫେସରଙ୍କ କ୍ୟାଡରରେ ମୋଟ 27 ପ୍ରତିଶତ ପଦବୀ ଖାଲି ରହିଥିଲା । ଏଫଏମ୍ ଏମସିଏଚ୍, ବାଲେଶ୍ୱରରେ ସର୍ବାଧିକ (48 ପ୍ରତିଶତ) ଖାଲି ପଦବୀ ରହିଥିଲା ଏବଂ ତା'ପରକୁ ଏସଜେ ଏମ୍‌ସିଏଚ୍ ପୁରୀ (43 ପ୍ରତିଶତ) ରହିଥିଲା । ଶିକ୍ଷକ କର୍ମଚାରୀଙ୍କ ମାନବ ସମ୍ବଳ ସ୍ଥିତିର ବିବରଣୀ ***ପରିଶିଷ୍ଟ 2.11*** ରେ ଦର୍ଶାଯାଇଛି ।

ସେହିଭଳି ନର୍ସିଂ ଅଫିସର/ ଷ୍ଟାଫ୍ ନର୍ସଙ୍କ କ୍ୟାଡରରେ 36 ପ୍ରତିଁଶତ ପଦବୀ ଖାଲି ଥିବାବେଳେ ଏମ୍‌ସିଏଚ ଗୁଡିକରେ 37 ପ୍ରତିଶତ ପାରାମେଡିକ୍ ପଦବୀ ଖାଲି ରହିଥିଲା, ଯାହା ***ପରିଶିଷ୍ଟ 2.12*** ରେ ଦର୍ଶାଯାଇଛି ।

### 2.2.1 ପରୀକ୍ଷା ଯାଞ୍ଚ ଏମସିଏଚ୍ ଗୁଡିକରେ ଶିକ୍ଷକ ଏବଂ ଅଣ ଶିକ୍ଷକ କର୍ମଚାରୀଙ୍କ ଅଭାବ

ଦୁଇଟିପରୀକ୍ଷା ଯାଞ୍ଚ ଏମସିଏଚ୍‌ର ରେକର୍ଡ ଯାଞ୍ଚରୁ ଶିକ୍ଷକ ପଦବୀ ଗୁଡ଼ିକ ବ୍ୟାପକ ଭାବରେ ଖାଲି ପଡ଼ିଥିବା ଜଣାପଡ଼ିଥିଲା, ଯାହା **ସାରଣୀ 2.7** ରେ ଦର୍ଶଯାଇଛି ।

**ସାରଣୀ 2.7: ଦୁଇଟି ଏମ୍‌ସିଏଚ୍‌ରେ ଶିକ୍ଷକ ଏବଂ ଅଣଶିକ୍ଷକ କର୍ମଚାରୀଙ୍କ କ୍ୟାଡରରେ ଖାଲି ପଡ଼ିଥିବା ପଦବୀ**

| ପଦବୀ | ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲ | | | ମହାରାଜା କୃଷ୍ଣ ଚନ୍ଦ୍ର ଗଜପତି ମେଡିକାଲ କଲେଜ ଏବଂ ହସ୍ପିଟାଲ | | |
|---|---|---|---|---|---|---|
| | ଅନୁମୋଦିତ ପଦବୀ | ଉପଲବ୍ଧ | ଖାଲି ପଡ଼ିଥିବା ପଦବୀ (ପ୍ରତିଶତ) | ଅନୁମୋଦିତ ଶକ୍ତି | ଉପଲବ୍ଧ | ଖାଲି ପଡ଼ିଥିବା ପଦବୀ (ପ୍ରତିଶତ) |
| ମେଡିକାଲ କଲେଜ | | | | | | |
| ପ୍ରଫେସର | 20 | 15 | 5 (*25*) | 37 | 34 | 3 (*8*) |
| ସହଯୋଗୀ ପ୍ରଫେସର | 28 | 22 | 6 (*21*) | 77 | 61 | 16 (*21*) |
| ସହକାରୀ ପ୍ରଫେସର | 45 | 38 | 7 (*16*) | 160 | 148 | 12 (*7*) |
| **ମୋଟ ଫାକଲ୍ଟି** | **93** | **75** | **18 (*19*)** | **274** | **243** | **31 (*11*)** |
| ଡାକ୍ତରଖାନାରେ ଡାକ୍ତର ରେସିଡେଣ୍ଟ | 65 | 35 | 30 (*46*) | 150 | 118 | 32 (*21*) |
| ଶିକ୍ଷକ/ ପ୍ରଦର୍ଶନକାରୀ | 25 | 7 | 18 (*72*) | 41 | 26 | 15 (*37*) |

| ପଦବୀ | ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲ | | | ମହାରାଜା କୃଷ୍ଣ ଚନ୍ଦ୍ର ଗଜପତି ମେଡିକାଲ କଲେଜ ଏବଂ ହସ୍ପିଟାଲ | | |
|---|---|---|---|---|---|---|
| | ଅନୁମୋଦିତ ପଦବୀ | ଉପଲବ୍ଧ | ଖାଲି ପଡ଼ିଥିବା ପଦବୀ (ପ୍ରତିଶତ) | ଅନୁମୋଦିତ ଶକ୍ତି | ଉପଲବ୍ଧ | ଖାଲି ପଡ଼ିଥିବା ପଦବୀ (ପ୍ରତିଶତ) |
| ଅଣଶିକ୍ଷକ କର୍ମଚାରୀ[20] | 45 | 18 | 27 (*60*) | 94 | 43 | 51 (*54*) |
| **ସର୍ବମୋଟ** | **228** | **135** | **93 (*41*)** | **559** | **430** | **129 (*23*)** |
| **ସଂଲଗ୍ନ ହସ୍ପିଟାଲ** | | | | | | |
| ଡାକ୍ତର[21] | 158 | 125 | 33 (*21*) | 503 | 414 | 89 (*18*) |
| ନର୍ସିଂ କର୍ମଚାରୀ | 321 | 222 | 99 (*31*) | 951 | 689 | 262 (*28*) |
| ପାରାମେଡିକାଲ କର୍ମଚାରୀ[22] | 69 | 35 | 34 (*49*) | 145 | 94 | 51 (*35*) |
| ଅଣଶିକ୍ଷକ କର୍ମଚାରୀ | 29 | 4 | 25 (*86*) | 11 | 7 | 4 (*36*) |
| **ମୋଟ** | **577** | **386** | **191 (*33*)** | **1610** | **1204** | **406 (*25*)** |

***(ଉତ୍ସ: ଏନ୍ଏମ୍ସି ମାନଦଣ୍ଡ ଓ ଦୁଇଟି ଏମ୍ସିଏଚ୍ ଦ୍ୱାରା ପ୍ରଦତ୍ତ ସୂଚନା)***
***(ଲାଲ ରଙ୍ଗ: 50 ପ୍ରତିଶତରୁ ଅଧିକ ଖାଲି ଥିବା ; ହାଲୁକା ଲାଲ: 50 ପ୍ରତିଶତରୁ କମ୍ ଖାଲି)***

ଏହିପରି ଭାବରେ ଉଭୟ ପରୀକ୍ଷା ଯାଞ୍ଚ ଏମ୍ସିଏଚ୍‌ରେ ସମସ୍ତ କ୍ୟାଡରର ଶିକ୍ଷକ ଏବଂ ଅଣ ଶିକ୍ଷକ କର୍ମଚାରୀଙ୍କ ପଦବୀ ଖାଲି ପଡିଥିଲା, ଯାହା ଉଭୟ ଚିକିତ୍ସା ଶିକ୍ଷା ଓ ଏହି ଡାକ୍ତରଖାନା ଗୁଡିକରେ ରୋଗୀ ସେବାକୁ ମଧ ପ୍ରଭାବିତ କରିଥିଲା ।

ଅଡିଟ୍ ଆହୁରି ମଧ ଲକ୍ଷ୍ୟ କଲେ ଯେ:

- ପିଆର୍ଏମ୍ ଏମସିଏଚ୍ ରେ, ଗତ ପାଞ୍ଚ ବର୍ଷ (2017-22) ରେ ଦୁଇଟି କ୍ଲିନିକାଲ ବିଭାଗ (ସାଇକିଆଟ୍ରି ଏବଂ ଡେଣ୍ଟିଷ୍ଟ୍ରି) ଏବଂ ଦୁଇଟି ଅଣ-କ୍ଲିନିକାଲ ବିଭାଗ (ଫିଜିଓଲୋଜି ଏବଂ ପାଥୋଲୋଜି)ରେ ପ୍ରଫେସରଙ୍କ ପଦ ଖାଲି ପଡିଥିଲା । ଗତ ପାଞ୍ଚ ବର୍ଷ ଧରି ଏମକେସିଜି ଏମସିଏଚ୍ ର କାର୍ଡିଓ ଥୋରାସିକ୍ ସର୍ଜରୀ ସୁପର ସ୍ପେଶାଲିଷ୍ଟ ବିଭାଗରେ ଏକ ପ୍ରଫେସର ପଦବୀ ଖାଲି ପଡିଥିଲା ।
- ପିଆର୍ଏମ୍ ଏମସିଏଚ୍‌ର ଦୁଇଜଣ ଅଧାପକ ଏବଂ ଏମକେସିଜି ଏମସିଏଚ୍ ର ନଅ ଜଣ ଅଧାପକ, ଏକ ରୁ ନଅ ବର୍ଷ ପର୍ଯ୍ୟନ୍ତ ଅନଧିକୃତ ଭାବର ଅନୁପସ୍ଥିତ ରହିଥିଲେ । ଡାକ୍ତରମାନଙ୍କର ଅନଧିକୃତ ଅନୁପସ୍ଥିତି ଉଭୟ ମେଡିକାଲ ଶିକ୍ଷା ଏବଂ ରୋଗୀ ସେବା ଉପରେ ପ୍ରଭାବ ପକାଇଥିଲା ।
- ଯଦିଓ, ଆନାଟୋମି ବିଷୟ ଅଧ୍ୟୟନ ପାଇଁ ଡିସେକ୍ସନ ଏକ ପ୍ରାଥମିକ ଆବଶ୍ୟକତା, ଏମ୍କେସିଜି ଏମ୍ସିଏଚ୍‌ରେ ମୃତ ଶରୀର ପରିଚାଳନା ପାଇଁ ଚାରିଜଣ ଆଟେଣ୍ଡାଣ୍ଟଙ୍କ ଆବଶ୍ୟକତା ବିପକ୍ଷରେ କୌଣସି ଆଟେଣ୍ଡାଣ୍ଟ ଉପଲବ୍ଧ ନଥିଲା ।
- ଦୁଇଟି ମଞ୍ଜୁରୀପ୍ରାପ୍ତ ପଦବୀ ବିପକ୍ଷରେ, କୌଣସି ମାନସିକ ରୋଗ ସମ୍ପର୍କିତ ସାମାଜିକ କର୍ମୀ ଉଭୟ ପରୀକ୍ଷା ଯାଞ୍ଚ ଏମସିଏଚ୍‌ର ମାନସିକ ରୋଗ ବିଭାଗରେ ନିଯୁକ୍ତ କରାଯାଇ ନଥିଲେ, ଯାହା ରୋଗୀର ଯତ୍ନ, ଅନୁସନ୍ଧାନ କାର୍ଯ୍ୟକଳାପ ଏବଂ ମାନସିକ ରୋଗୀ ମାନଙ୍କର ପୁନଃ ଥଇଥାନକୁ ପ୍ରଭାବିତ କରୁଥିଲା।
- ଏମସିଏଚ୍ ଗୁଡିକର ଇଏନଟି ବିଭାଗ ଗୁଡିକ ବୈଷୟିକ ସହାୟକ ଏବଂ ବାକ୍ ଚିକିତ୍ସକଙ୍କ ବିନା କାର୍ଯ୍ୟ କରୁଥିଲା ।

---

[20] ଟେକ୍‌ନିସିଆନ୍/ ବୈଷୟିକ ସହାୟକ, ଡିସେକ୍ସନ ଗୃହ ଆଟେଣ୍ଡାଣ୍ଟ, ଲାବୋରେଟୋରୀ ଆଟେଣ୍ଡାଣ୍ଟ; ଭଣ୍ଡାର ରକ୍ଷକ; ଷ୍ଟେନୋଗ୍ରାଫର; ଝାଡୁଦାର ଇତ୍ୟାଦି

[21] **'କ୍ଲିନିକାଲ୍ ବିଭାଗ ଗୁଡ଼ିକରେ ଡାକ୍ତରଙ୍କ ମଧ୍ୟରୁ ଅଧାପକ ଓ ରେସିଡେଣ୍ଟ ଡାକ୍ତର ଅନ୍ତର୍ଭୁକ୍ତ**

[22] ଫାର୍ମାସିଷ୍ଟ; ରାଡିଓଗ୍ରାଫରର୍ସ; ଲାବୋରେଟୋରୀ ଟେକ୍‌ନିସିଆନ; ଅନୁସନ୍ଧାନକାରୀମାନେଇତ୍ୟାଦି

ଜାତୀୟ ମେଡିକାଲ୍ କାଉନସିଲ୍, ନିରୀକ୍ଷଣ ସମୟରେ (ଅକ୍ଟୋବର 2019 / ନଭେମ୍ବର 2021) ଲକ୍ଷ୍ୟ କରିଥିବା ଫାକଲ୍ଟି ସ୍ୱଳ୍ପତା ବାବଦରେ ପ୍ରଦାନ କରିଥିବା ମନ୍ତବ୍ୟର 30 ଦିନ ମଧ୍ୟରେ ଖାଲି ପଡ଼ିଥିବା ପଦବୀ ଗୁଡ଼ିକ ପୂରଣ କରିବା ପାଇଁ, ଯଦିଓ ପିଆର୍‌ଏମ୍ ଏମ୍‌ସିଏଚ୍‌ର ଡିନ୍ ଓ ଅଧ୍ୟକ୍ଷ, ଡିଏମ୍‌ଇଟି, ଓଡ଼ିଶା ସହିତ ପରାମର୍ଶ ପରେ ଏକ ଅଙ୍ଗୀକାର ପ୍ରଦାନ କରିଥିଲେ, ଏହି ଖାଲି ପଦବୀ ଗୁଡ଼ିକ ପୂରଣ କରିବା ପାଇଁ ମଇ 2022 ପର୍ଯ୍ୟନ୍ତ କୌଣସି ପ୍ରଭାବୀ ପଦକ୍ଷେପ ଗ୍ରହଣ କରାଯାଇ ନଥିଲା ।

### 2.2.2 ସୁପର ସ୍ପେସିଆଲିଟି ବିଭାଗରେ ମାନବ ସମ୍ବଳର ବ୍ୟବସ୍ଥା ନହେବା

ପିଏମଏସଏସୱାଇ ପାଣ୍ଠି ମଞ୍ଜୁର ପାଇଁ ରାଜ୍ୟ ଏବଂ ଭାରତ ସରକାରଙ୍କ ମଧ୍ୟରେ ସ୍ୱାକ୍ଷରିତ ଏମଓୟୁ ଅନୁଯାୟୀ, ଏମସିଏଚ୍ ଗୁଡିକରେ ସୁପର ସ୍ପେସିଆଲିଟି ବିଭାଗର ସୁଗମ ତଥା ଦକ୍ଷ କାର୍ଯ୍ୟକାରିତା ପାଇଁ ରାଜ୍ୟ ସରକାରଙ୍କୁ ଆବଶ୍ୟକ ପଦବୀ ସୃଷ୍ଟି କରିଥିଲା ଏବଂ କର୍ମଚାରୀଙ୍କୁ ଠିକ୍ ସମୟରେ ନିୟୋଜିତ କରିବାର ଥିଲା । କିନ୍ତୁ ଅଡିଟ୍ ଲକ୍ଷ୍ୟ କଲେ ଯେ, ଏମ୍‌କେସିଜି, ଏମ୍‌ସିଏଚ୍‌ର 11 ଟି ସୁପର ସ୍ପେସିଆଲିଟି ବିଭାଗ ଅଧ୍ୟାପକମାନଙ୍କ ଘୋର ଅଭାବ ସହିତ କାର୍ଯ୍ୟ କରୁଥିଲା ।

ଏମ୍‌ସିଏଚ୍‌ର ସୁପର ସ୍ପେସିଆଲିଟି ବିଭାଗରେ 48 କର୍ମଚାରୀଙ୍କ ଅନୁମୋଦିତ ପଦବୀ ବିପକ୍ଷରେ, କେବଳ 30 ଜଣ କାର୍ଯ୍ୟରତ ଥିବା ସହିତ ପ୍ରଫେସର (3), ଆସୋସିଏଟ୍ ପ୍ରଫେସର (4), ସହାୟକ ପ୍ରଫେସର (1) ଏବଂ ସିନିୟର ରେସିଡେଣ୍ଟ (10) କ୍ୟାଡରରେ 18 ଟି ପଦବୀ ଖାଲି ପଡ଼ିଥିଲା । ଅଡିଟ୍ ଲକ୍ଷ୍ୟ କଲେ ଯେ:

- ଛଅଟି ସୁପର ସ୍ପେସିଆଲିଟି ବିଭାଗ (ସ୍ନାୟୁବିଜ୍ଞାନ, ଶିଶୁ ବିଭାଗ ସର୍ଜରୀ, କାର୍ଡିଓ ଥୋରାସିକ୍ ସର୍ଜରୀ, ନ୍ୟୁରୋ ସର୍ଜରୀ, ମେଡିକାଲ୍ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ଏବଂ ସର୍ଜିକାଲ୍ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି) ରେ କୌଣସି ପ୍ରଫେସର ନଥିଲେ ।
- ତିନୋଟି ସୁପର ସ୍ପେସିଆଲିଟି ବିଭାଗରେ (ସ୍ନାୟୁବିଜ୍ଞାନ, ଶିଶୁରୋଗ ସର୍ଜରୀ ଏବଂ ନ୍ୟୁରୋ ସର୍ଜରୀ) ପ୍ରଫେସରମାନଙ୍କର ପଦବୀ ସୃଷ୍ଟି କରାଯାଇ ନଥିଲା ।
- ଜଣେ ଆସୋସିଏଟ୍ ପ୍ରଫେସର (କାର୍ଡିଓଲୋଜି), ତିନି ଜଣ ଆସିଷ୍ଟାଣ୍ଟ ପ୍ରଫେସର (କାର୍ଡିଓ ଥୋରାସିକ୍ ସର୍ଜରୀ-1 ଏବଂ ନ୍ୟୁରୋ ସର୍ଜରୀ-2) ଏବଂ ଜଣେ ସିନିୟର ରେସିଡେଣ୍ଟ (ଶିଶୁ ରୋଗ) ଏକ ମାସରୁ 106 ମାସ ପର୍ଯ୍ୟନ୍ତ ଅନଧିକୃତ ଭାବରେ ଅନୁପସ୍ଥିତ ରହିଥିଲେ ।

ଅଧ୍ୟାପକମାନଙ୍କ ଉପଲବ୍ଧତା ନ ଥିବାରୁ କାର୍ଡିଓ ଭାସ୍କୁଲାର ଏବଂ ଥୋରାସିକ୍ ସର୍ଜରୀ ବିଭାଗ କାର୍ଯ୍ୟକ୍ଷମ ନଥିବା ସହିତ କେବଳ ନ୍ୟୁରୋ ସର୍ଜରୀ ବିଭାଗର ଜୁନିଅର ଡାକ୍ତରଙ୍କ ଦ୍ୱାରା ଛୋଟ ଅପରେସନ୍ ପରିଚାଳିତ ହେଉଥିଲା ।

ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ବ୍ୟକ୍ତ କଲେ (ଫେବୃଆରୀ 2023) ଯେ, ନିକଟରେ ଖାଲିଥିବା ପଦବୀ ପୂରଣ ହେବ ।

### 2.2.3 ଫୋରେନ୍‌ସିକ୍ ମେଡିସିନ୍ ଏବଂ ଟକ୍ସିକୋଲୋଜି ବିଭାଗରେ ମାନବ ସମ୍ବଳର ଅଭାବ

ଏମ୍‌ଏସ୍‌ଆର୍‌ଆର୍ ଅନୁଯାୟୀ ଛଅଟି[23] ଟିଉଟର/ ପ୍ରଦର୍ଶନକାରୀଙ୍କ ଆବଶ୍ୟକତା ବିପକ୍ଷରେ, କେବଳ ଚାରୋଟି ପଦବୀକୁ ମଞ୍ଜୁରୀ ଦିଆଯାଇଥିଲା ଏବଂ ଉପଲବ୍ଧ ଥିଲା, ଫଳସ୍ୱରୂପ ଏମ୍‌କେସିଜି ଏମ୍‌ସିଏଚ୍ ରେ 2016-17 ରୁ 2021-22 ମଧ୍ୟରେ ଦୁଇଜଣ ଟିଉଟର/ ପ୍ରଦର୍ଶନକାରୀଙ୍କ ଅଭାବ ଦେଖାଦେଇଥିଲା । ପିଆର୍‌ଏମ୍ ଏମ୍‌ସିଏଚ୍‌ରେ, ଦୁଇଜଣ ଟିଉଟର/ ପ୍ରଦର୍ଶନକାରୀଙ୍କ ଆବଶ୍ୟକତା ବିପକ୍ଷର କେବଳ ଜଣେ (ଚୁକ୍ତିଭିତ୍ତିକ) ଉପଲବ୍ଧ ଥିଲେ ।

ସେହିଭଳି, ଦୁଇ ଜଣ ଟେକ୍‌ନିସିଆନଙ୍କ ଆବଶ୍ୟକତା ବିପକ୍ଷରେ, ପିଆର୍‌ଏମ୍ ଏମ୍‌ସିଏଚ୍‌ରେ କୌଣସି ଟେକ୍‌ନିସିଆନ୍ ନଥିବା ବେଳେ, ଏମ୍‌କେସିଜି ଏମ୍‌ସିଏଚ୍‌ରେ ଜଣେ ନିଯୁକ୍ତି ପାଇଥିଲେ ।

ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ବ୍ୟକ୍ତ କଲେ (ଫେବୃଆରୀ 2023) ଯେ, ଏହି ପଦବୀ ଗୁଡ଼ିକ ପୂରଣ ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି ।

---

[23] ବାର୍ଷିକ 500 ରୁ ଉର୍ଦ୍ଧ୍ୱ ସଂଖ୍ୟକ ଶବ ବ୍ୟବଚ୍ଛେଦ କାର୍ଯ୍ୟ ହେତୁ ଦୁଇ ଜଣ ଅତିରିକ୍ତ ଟିଉଟର/ ପ୍ରଦର୍ଶନକାରୀ ଅନ୍ତର୍ଭୁକ୍ତ

## 2.3 ଲାବୋରେଟୋରୀ ସେବା ପାଇଁ ମାନବ ସମ୍ବଳ

ପାଥୋଲୋଜିଷ୍ଟ ଏବଂ ଲାବୋରେଟୋରୀ ଟେକ୍ନିସିଆନ୍ (ଏଲ୍‌ଟି) ଲାବୋରେଟୋରୀ ପାଇଁ ମୁଖ୍ୟ କର୍ମଚାରୀ ଅଟନ୍ତି । ନମୁନା ସଂଗ୍ରହ, ନିର୍ଦ୍ଦିଷ୍ଟ ପାଥୋଲୋଜିକାଲ୍ ପରୀକ୍ଷା ଏବଂ ପରୀକ୍ଷା ରିପୋର୍ଟ ବୈଧତା ପାଇଁ ସେମାନେ ଦାୟୀ । ଆଇପିଏଚ୍‌ଏସ୍ ଅନୁଯାୟୀ, ଜିଲ୍ଲା ଡାକ୍ତରଖାନାଗୁଡ଼ିକରେ ସେମାନଙ୍କର ଶଯ୍ୟା କ୍ଷମତା ଅନୁଯାୟୀ ଏକ ରୁ ଚାରି ଜଣ ପାଥୋଲୋଜିଷ୍ଟ ଏବଂ 6 ରୁ 18 ଜଣ ଏଲ୍‌ଟି ରହିବା ଉଚିତ୍ ।

ଅଡିଟ୍ ଲକ୍ଷ୍ୟ କଲେ ଯେ, ରାଜ୍ୟରେ 2,048 ଏଲ୍‌ଟି ଅନୁମୋଦିତ ପଦବୀ ବିପକ୍ଷରେ 1,320 ଜଣ ଏଲ୍‌ଟି କାର୍ଯ୍ୟରତ (ମାର୍ଚ୍ଚ 2022) ଥିବା ସହିତ 36 ପ୍ରତିଶତ ଖାଲି ଥିଲା । ସେହିଭଳି, 39 ଅନୁମୋଦିତ ପଦବୀ ବିପକ୍ଷରେ ରାଜ୍ୟର ଡିଏଚ୍‌ଏଚ୍‌ଗୁଡ଼ିକରେ କେବଳ 19 ଜଣ ପାଥୋଲୋଜିଷ୍ଟ ଉପଲବ୍ଧ ଥିଲେ । ତେଣୁ, ଡିଏଚ୍‌ଏଚ୍ ଗୁଡ଼ିକରେ 51 ପ୍ରତିଶତ ପାଥୋଲୋଜିଷ୍ଟ ପଦବୀ ଖାଲି ଥିଲା ।

ପରୀକ୍ଷା ଯାଞ୍ଚ ଡିଏଚ୍‌ଏଚ୍ ମଧ୍ୟରୁ ସାତଟିରେ ଡାଇଗ୍ନୋଷ୍ଟିକ୍ ସେବାଗୁଡ଼ିକ ପାଇଁ ମାନବ ସମ୍ବଳ ସ୍ଥିତି, **ସାରଣୀ 2.8** ରେ ଦର୍ଶାଯାଇଛି ।

**ସାରଣୀ 2.8: ପରୀକ୍ଷା ଯାଞ୍ଚ ଡିଏଚ୍‌ଏଚ୍ ଗୁଡ଼ିକରେ ଡାଇଗ୍ନୋଷ୍ଟିକ୍ ସେବା ପାଇଁ ମାନବ ସମ୍ବଳ ସ୍ଥିତି**

| ଡିଏଚ୍‌ଏଚ୍ | କାର୍ଯ୍ୟକ୍ଷମ ଶଯ୍ୟା | ପାଥୋଲୋଜିଷ୍ଟ | | ମାଇକ୍ରୋବାୟୋଲୋଜିଷ୍ଟ | | ଲାବୋରେଟୋରୀ ଟେକ୍ନିସିଆନ୍ | |
|---|---|---|---|---|---|---|---|
| | | ଆର୍ | ଏ | ଆର୍ | ଏ | ଆର୍ | ଏ |
| ଭଦ୍ରକ | 336 | 3 | 1 | 1 | 1 | 12 | 4 |
| ଢେଙ୍କାନାଳ | 300 | 3 | 1 | 1 | 1 | 12 | 7 |
| କନ୍ଧମାଳ | 236 | 1 | 0 | 0 | 1 | 9 | 7 |
| ନବରଙ୍ଗପୁର | 252 | 1 | 0 | 0 | 0 | 9 | 7 |
| ନୂଆପଡ଼ା | 315 | 3 | 1 | 1 | 0 | 12 | 7 |
| ପୁରୀ | 451 | 3 | 0 | 1 | 0 | 15 | 11 |
| ସୁନ୍ଦରଗଡ଼ | 330 | 3 | 1 | 1 | 1 | 12 | 8 |
| **ମୋଟ** | | **17** | **4** | **5** | **4** | **81** | **51** |

***(ଉତ୍ସ: ପରୀକ୍ଷା ଯାଞ୍ଚ ହୋଇଥିବା ଡିଏଚ୍‌ଏଚ୍ ଦ୍ୱାରା ପ୍ରଦାନ ତଥ୍ୟ)***

**(ଆର୍: ଆବଶ୍ୟକତା; ଏ: ଉପଲବ୍ଧ) (ଲାଲ: ଘୋର ଅଭାବ; ଈଷତ ଲାଲ: ଅଭାବ, ସବୁଜ: ଅଭାବ ନାହିଁ)**

ଉପରୋକ୍ତ ସାରଣୀରୁ ଏହା ଦେଖାଯାଏ ଯେ:

- **ଡିଏଚ୍‌ଏଚ୍:** ପାଥୋଲୋଜିଷ୍ଟ ଏବଂ ମାଇକ୍ରୋବାୟୋଲୋଜିଷ୍ଟମାନେ କେବଳ ସାତଟି ପରୀକ୍ଷା ଯାଞ୍ଚ ଡିଏଚ୍‌ଏଚ୍ ମଧ୍ୟରୁ ଚାରିଟିରେ ଉପଲବ୍ଧ ଥିଲେ । ଏଲ୍‌ଟି ମାନଙ୍କର ସର୍ବାଧିକ ଅଭାବ ଭଦ୍ରକ ଡିଏଚ୍‌ଏଚ୍‌ରେ ଥିଲା, ଯେଉଁଠାରେ 12 ଜଣଙ୍କର ଆବଶ୍ୟକତା ବିପକ୍ଷରେ କେବଳ ଚାରିଜଣ ଟେକ୍ନିସିଆନ ନିଯୁକ୍ତି କରାଯାଇଥିଲା ।
- **ସିଏଚ୍‌ସି:** 14 ଟି ପରୀକ୍ଷା ଯାଞ୍ଚ ସିଏଚ୍‌ସିରେ 28 ଜଣ ଏଲ୍‌ଟିର ଆବଶ୍ୟକତା ବିପକ୍ଷରେ, କେବଳ 23 ଜଣ ଉପଲବ୍ଧ ଥିଲା । ଏଲ୍‌ଟିମାନଙ୍କ ଅଭାବ ହେତୁ ରକ୍ତ ୟୁରିଆ, ରକ୍ତ କୋଲେଷ୍ଟ୍ରଲ, ଯକୃତ କାର୍ଯ୍ୟକାରିତା ପରୀକ୍ଷା, କିଡନୀ କାର୍ଯ୍ୟକାରିତା ପରୀକ୍ଷା, ଲିପିଡ୍ ପ୍ରୋଫାଇଲ୍ ଇତ୍ୟାଦି ପାଥୋଲୋଜିକାଲ୍ ପରୀକ୍ଷା ସିଏଚ୍‌ସି, ବରପଦାଠାରେ କରାଯାଉ ନଥିଲା ।
- **ପିଏଚ୍‌ସି:** ପରୀକ୍ଷା ଯାଞ୍ଚ 14 ଟି ପିଏଚ୍‌ସି ମଧ୍ୟରୁ 11[24] ଟିରେ ଲାବୋରେଟୋରୀ ଟେକ୍ନିସିଆନ ଉପଲବ୍ଧ ନଥିଲେ । ପାଥୋଲୋଜିକାଲ୍ ପରୀକ୍ଷା (ବ୍ଲଡ୍ ସୁଗାର ଏବଂ ମ୍ୟାଲେରିଆ ବ୍ୟତିତ) ପିଏଚ୍‌ସି, ଏରଟେଲ୍ ଏବଂ ରୁଟିନ୍ ପରିସ୍ରା, ମଳ, ରକ୍ତ ପରୀକ୍ଷାରେ କରାଯାଉ ନଥିଲା ।
- **ଏମ୍‌ସିଏଚ୍:** 31 ମାର୍ଚ୍ଚ 2022 ସୁଦ୍ଧା ପରୀକ୍ଷା ଯାଞ୍ଚ ଏମ୍‌ସିଏଚ୍‌ଗୁଡ଼ିକର ପାଥୋଲୋଜି ବିଭାଗରେ ମାନବ ସମ୍ବଳର ଅଭାବ **ସାରଣୀ 2.9** ରେ ଦର୍ଶାଯାଇଛି ।

[24] ଅନ୍ଧାରିଜାମବାହାଲ, ଦର୍ଲିମୁଣ୍ଡା, ଏରଡାଳ, ଇନ୍ଦ୍ରଗଡ଼, ଯୋରନ୍ଦା, କୋଡ଼ିଙ୍ଗା, ମଇଦଲପୁର, ରାଞ୍ଜବ୍ରୋଡ଼ି, ସାବରଙ୍ଗ, ତରବୋଡ଼ ଏବଂ ବଦନିଗାଁ

**ସାରଣୀ 2.9: ପରୀକ୍ଷା ଯାଞ୍ଚ ଏମ୍‌ସିଏଚ୍ ଗୁଡ଼ିକରେ ମାନବ ସମ୍ବଳ ସ୍ଥିତି**

| ପଦବୀ | ପିଆର୍‌ଏମ୍ ଏମ୍‌ସିଏଚ୍ | | | ଏମ୍‌କେସିଜି ଏମ୍‌ସିଏଚ୍ | | |
|---|---|---|---|---|---|---|
| | ମଞ୍ଜୁରୀ | ଉପଲବ୍ଧ | ଖାଲି | ମଞ୍ଜୁରୀ | ଉପଲବ୍ଧ | ଖାଲି |
| ପ୍ରଫେସର | 1 | 0 | 1 | 1 | 1 | 0 |
| ସହକାରୀ ପ୍ରଫେସର | 3 | 3 | 0 | 18 | 17 | 1 |
| ଗୃହ ଶିକ୍ଷକ | 4 | 1 | 3 | 7 | 5 | 2 |
| ଲାବୋରେଟୋରୀ ଆଟେଣ୍ଡାଣ୍ଟସ୍ | 2 | 0 | 2 | 2 | 0 | 2 |
| ଲାବୋରେଟୋରୀ ଟେକ୍‌ନିସିଆନମାନେ[25] | 33 | 12 | 21 | 60 | 32 | 28 |

*(ଉତ୍ସ: ପରୀକ୍ଷା ଯାଞ୍ଚ ଏମ୍‌ସିଏ୍ ରୁ ମିଳିଥିବା ତଥ୍ୟ)*

*(ଲାଲ: ଉପଲବ୍ଧ ନୁହେଁ କିମ୍ବା 50 ପ୍ରତିଶତ ରୁ ଅଧିକ ଖାଲି; ହାଲୁକା ଲାଲ୍: 50 ପ୍ରତିଶତରୁ କମ୍ ଖାଲି; ସବୁଜ: ଖାଲି ନାହିଁ)*

ତେଣୁ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ, ଆଇପିଏଚ୍‌ଏସ୍/ ଏନ୍‌ଏମ୍‌ସି ମାର୍ଗଦର୍ଶିକା ଅନୁଯାୟୀ ଆବଶ୍ୟକୀୟ ମାନବ ସମ୍ବଳ ବୃଦ୍ଧି କରିବାରେ ବିଫଳ ହୋଇଥିଲା । ଏପରିକି ଏହି ମଞ୍ଜୁରୀପ୍ରାପ୍ତ ପଦବୀଗୁଡ଼ିକ ବିପକ୍ଷରେ ଖାଲି ପଡ଼ିଥିବା ପଦବୀଗୁଡ଼ିକ ମଧ୍ୟ ପୂରଣ କରିନଥିଲା, ଯେଉଁଥିପାଇଁ ରାଜ୍ୟର ସ୍ୱାସ୍ଥ୍ୟ ସେବା ପ୍ରତିଷ୍ଠାନ ଗୁଡ଼ିକରେ ରୋଗୀଙ୍କୁ ପ୍ରମାଣ ଭିତ୍ତିକ ଚିକିତ୍ସା ସେବା ଯୋଗାଇବା ପାଇଁ ଆବଶ୍ୟକ ହେଉଥିବା ପାଥୋଲୋଜିକାଲ୍ ଅନୁସନ୍ଧାନରେ ବାଧା ସୃଷ୍ଟି ହୋଇଥିଲା ।

## 2.4 ପ୍ରସବ ଯତ୍ନ ପାଇଁ ମାନବ ସମ୍ବଳର ଉପଲବ୍ଧତା

ଏନ୍‌ଏଚ୍‌ଏମ୍‌ର ମାତୃ ଏବଂ ନବଜାତକ ସ୍ୱାସ୍ଥ୍ୟ (ଏମ୍‌ଏନ୍‌ଏଚ୍) ଟୁଲ୍ କିଟ୍ ଅନୁଯାୟୀ, ମାତୃତ୍ୱ ବିଭାଗ ପାଇଁ ମାନବ ସମ୍ବଳ ଅବଶ୍ୟକତା, ପ୍ରତି ମାସରେ ପ୍ରସବ ସଂଖ୍ୟା ଉପରେ ଆଧାରିତ ହେବା ଉଚିତ୍ । ସମୀକ୍ଷା ଲକ୍ଷ୍ୟ କଲେ ଯେ, ପରୀକ୍ଷା ଯାଞ୍ଚ ଡିଏଚଏଚ୍ ଗୁଡ଼ିକରେ ମାସକୁ ହାରାହାରି ପ୍ରସବ ସଂଖ୍ୟା 200 ରୁ 500 ମଧ୍ୟରେ ରହିଥିଲା । ପରୀକ୍ଷା ଯାଞ୍ଚ ଡିଏଚ୍‌ଏଚ୍ ଗୁଡ଼ିକରେ ଏମ୍‌ଏନ୍‌ଏଚ୍ ଟୁଲ୍ କୀଟ୍ ଅନୁଯାୟୀ ଆବଶ୍ୟକତା ଏବଂ ମାନବ ସମ୍ବଳର ଉପଲବ୍ଧତା **ସାରଣୀ 2.10** ରେ ଦର୍ଶାଯାଇଛି ।

**ସାରଣୀ 2.10: ଡିଏଚ୍‌ଏଚ୍ ଗୁଡ଼ିକର ମାତୃତ୍ୱ ବିଭାଗରେ ମାନବ ସମ୍ବଳର ଉପଲବ୍ଧତା**

| ଡିଏଚ୍‌ଏଚ୍ | ହାରାହାରି ପ୍ରସବ/ ମାସ | ଡିଏଚ୍‌ଏଚ୍ ରେ ଉପଲବ୍ଧ ଡାକ୍ତର ଏବଂ ଅନ୍ୟାନ୍ୟ କର୍ମଚାରୀ | | | | | |
|---|---|---|---|---|---|---|---|
| | | ସ୍ୱାସ୍ଥ୍ୟ ଅଧିକାରୀ | ଓଏବଂଜି ବିଶେଷଜ୍ଞ | ଶିଶୁରୋଗ ବିଶେଷଜ୍ଞ | ନିଶ୍ଚେତକ ବିଶେଷଜ୍ଞ | ଏଏନ୍ ଏମ୍ | ଷ୍ଟାଫ୍ ନର୍ସ |
| **ଆବଶ୍ୟକତା** | **200-500** | **4** | **5** | **1** | **1** | **4** | **8** |
| | | ଉପଲବ୍ଧ | | | | | |
| ଭଦ୍ରକ | 459 | 0 | 3 | 1 | 1 | 1 | 8 |
| ଢେଙ୍କାନାଳ[26] | 515 | 0 | 5 | 1 | 1 | 1 | 5 |
| କନ୍ଧମାଳ | 263 | 0 | 3 | 1 | 1 | 2 | 0 |
| ନବରଙ୍ଗପୁର | 221 | 0 | 2 | 2 | 1 | 3 | 4 |
| ନୂଆପଡ଼ା | 395 | 0 | 3 | 2 | 1 | 0 | 10 |
| ପୁରୀ | 495 | 0 | 6 | 3 | 1 | 7 | 4 |
| ସୁନ୍ଦରଗଡ଼ | 393 | 0 | 8 | 0 | 1 | 3 | 22 |

*(ଉତ୍ସ: ପରୀକ୍ଷା ଯାଞ୍ଚ ଡିଏଚ୍‌ଏଚ୍ ଗୁଡ଼ିକର ନଥିପତ୍ର)*

*(ଲାଲ ରଙ୍ଗ ଅଭାବ ଦର୍ଶାଏ ଏବଂ ସବୁଜ ରଙ୍ଗ କୌଣସି ଅଭାବ ନଥିବାକୁ ଦର୍ଶାଏ)*

ସମୀକ୍ଷା ଏହି ପରିପ୍ରେକ୍ଷୀରେ ନିମ୍ନଲିଖିତ ବିଷୟ ଗୁଡ଼ିକ ଲକ୍ଷ୍ୟ କଲେ:

---

[25] ପାଥୋଲୋଜି ବିଭାଗ ପାଇଁ କୌଣସି ନିର୍ଦ୍ଦିଷ୍ଟ ଅନୁମୋଦିତ ପଦବୀ ଉପଲବ୍ଧ ନଥିବା ହେତୁ ଏହି ସଂଖ୍ୟାଗୁଡ଼ିକ ସାମଗ୍ରିକ ଭାବରେ ଏମ୍‌ସିଏଚ୍ ସହିତ ଜଡ଼ିତ ।

[26] ମାସିକ ହାରାହାରି ପ୍ରସବ 500 ରୁ ସାମାନ୍ୟ ଅଧିକ ରହିଥିବେ ହେତୁ ଡିଏଚ୍‌ଏଚ୍ ପାଇଁ ମାସିକ 500 ପ୍ରସବ, ମାନଦଣ୍ଡ ଭାବରେ ଗ୍ରହଣ କରାଯାଇଥିଲା ।

ଜିଲ୍ଲା ମୁଖ୍ୟାଳୟ ଡାକ୍ତରଖାନା

- ଭଦ୍ରକ, କନ୍ଧମାଳ, ନବରଙ୍ଗପୁର ଏବଂ ନୂଆପଡ଼ାର ଡିଏଚ୍‌ଏଚ୍‌ରେ ଉପଲବ୍ଧ ଓ ଏବଂ ଜି ବିଶେଷଜ୍ଞଙ୍କ ସଂଖ୍ୟା ଆବଶ୍ୟକତା ତୁଳନାରେ ପର୍ଯ୍ୟାପ୍ତ ନଥିଲା । ଆହୁରି ମଧ୍ୟ, ପ୍ରସବ ସେବା ପାଇଁ ଭଦ୍ରକ, ଢେଙ୍କାନାଳ ଏବଂ ସୁନ୍ଦରଗଡ଼ର ଡିଏଚ୍‌ଏଚ୍ ଗୁଡ଼ିକରେ ଉଭୟ ଶିଶୁରୋଗ ତଥା ପ୍ରସୂତି ୱାର୍ଡର ଦାୟିତ୍ୱ ନେଇଥିବା ଉତ୍ସର୍ଗୀକୃତ ଶିଶୁ ବିଶେଷଜ୍ଞମାନେ ଉପଲବ୍ଧ ନଥିଲେ ।

- ସମସ୍ତ ସାତଟି ଡିଏଚ୍‌ଏଚ୍‌ର ପ୍ରତ୍ୟେକ ଡାକ୍ତରଖାନାରେ କେବଳ ଜଣେ ନିଶ୍ଚେତକ ବିଶେଷଜ୍ଞ ଉପଲବ୍ଧ ଥିଲେ ଏବଂ ମାତୃତ୍ୱ ବିଭାଗ ସମେତ ପ୍ରତ୍ୟେକ ଡାକ୍ତରଖାନାର ସମ୍ପୂର୍ଣ୍ଣ ନିଶ୍ଚେତକ ସମ୍ବନ୍ଧୀୟ କାର୍ଯ୍ୟ ପରିଚାଳନା କରୁଥିଲେ ।

- ପ୍ରତ୍ୟେକ ଡିଏଚ୍‌ଏଚ୍‌ରେ ଆଠ ଜଣ ଏଏନ୍‌ଏମ୍/ଷ୍ଟାଫ୍ ନର୍ସଙ୍କ ଆବଶ୍ୟକତା ବିପକ୍ଷରେ, ତିନୋଟି ଡିଏଚ୍‌ଏଚ୍(ଢେଙ୍କାନାଳ, ନବରଙ୍ଗପୁର ଏବଂ ପୁରୀ) ରେ କେବଳ 4 ରୁ 5 ଜଣ ଷ୍ଟାଫ୍ ନର୍ସ ଉପଲବ୍ଧ ଥିବାବେଳେ ଡିଏଚ୍‌ଏଚ୍, କନ୍ଧମାଳରେ ମାତୃତ୍ୱ ସେବା ପାଇଁ କୌଣସି ଉତ୍ସର୍ଗୀକୃତ ଷ୍ଟାଫ୍ ନର୍ସ ଉପଲବ୍ଧ ନଥିଲେ । ଆବଶ୍ୟକ ଷ୍ଟାଫ୍ ନର୍ସମାନଙ୍କର ଅଭାବ/ ଅନୁପସ୍ଥିତି ବିଦ୍ୟମାନ କର୍ମଚାରୀଙ୍କ ଉପରେ ଭାର ବଢ଼ାଇଥାଏ, ମାତୃତ୍ୱ ସେବାର ଗୁଣବତ୍ତାକୁ ସାମ୍ନା କରିଥାଏ, କାରଣ ସେମାନେ ମା ଏବଂ ଶିଶୁମାନଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବାରେ ପ୍ରମୁଖ କର୍ମଚାରୀ ଅଟନ୍ତି ।

**ଡିଏଚ୍‌ଏଚ୍, ନୂଆପଡ଼ା ଏବଂ ସୁନ୍ଦରଗଡ଼ରେ ଥିବା ମାତୃତ୍ୱ ବିଭାଗ, ଏମ୍‌ଏନ୍‌ଏଚ୍ ଟୁଲ୍ କୀଟ୍‌ରେ ଧାର୍ଯ୍ୟ କରାଯାଇଥିବା ନିୟମଠାରୁ ଅଧିକ ନର୍ସ ଥିଲେ ।**

**ସମ୍ପ୍ରଦାୟ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକ**

- ମଞ୍ଜୁରୀପ୍ରାପ୍ତ ଶକ୍ତିର 57% ଅଭାବ ସହିତ କେବଳ 164 ଓ ଏବଂ ଜି ବିଶେଷଜ୍ଞ ରାଜ୍ୟର 382 ସିଏଚ୍‌ସି ରେ ଅବସ୍ଥାପିତ ହୋଇଥିଲେ ।

- 14 ଟି ପରୀକ୍ଷା ଯାଞ୍ଚ ହୋଇଥିବା ସିଏଚ୍‌ସିରେ, ଓ ଏବଂ ଜି ବିଶେଷଜ୍ଞମାନେ 5 ଟି ସିଏଚ୍‌ସି [27] ରେ ଉପଲବ୍ଧ ଥିବାବେଳେ ଶିଶୁ ଚିକିତ୍ସକମାନେ କେବଳ 4 ଟି ସିଏଚ୍‌ସିରେ[28] ଉପଲବ୍ଧ ଥିଲେ । କିନ୍ତୁ, ସିଏଚ୍‌ସିରେ ଓ ଏବଂ ଜି ବିଶେଷଜ୍ଞ ଏବଂ ଶିଶୁ ବିଶେଷଜ୍ଞ ଅନୁପସ୍ଥିତି, ଡାକ୍ତରଖାନାରେ ନବଜାତ ଶିଶୁ ଯତ୍ନ ସମେତ ମାତୃତ୍ୱ/ ଶିଶୁ ସ୍ୱାସ୍ଥ୍ୟ ସେବା ସୀମିତ ରହିଲା, ମହିଳା ରୋଗୀଙ୍କୁ ଘରୋଇ କିମ୍ବା ଅନ୍ୟାନ୍ୟ ସୁବିଧାକୁ ବାଧ କରାଗଲା ।

ସୁବିଧାଗୁଡ଼ିକରେ ପ୍ରମୁଖ ଉତ୍ସଗୁଡ଼ିକର ଅଭାବ ଗର୍ଭଧାରଣ ସମ୍ବନ୍ଧୀୟ ଜଟିଳତା ଏବଂ ଅନ୍ୟାନ୍ୟ ମାତୃ ସ୍ୱାସ୍ଥ୍ୟ ଜରୁରୀକାଳୀନ ପରିସ୍ଥିତିକୁ ପରିଚାଳନା କରିବା ସହିତ ସନ୍ତୋଷଜନକ ନବଜାତ ଶିଶୁ ଯତ୍ନର ସୁନିଶ୍ଚିତ କରିବା ପାଇଁ ଡାକ୍ତରଖାନାର ସାମର୍ଥ୍ୟର ଅଭାବକୁ ସୂଚିତ କରିଥିଲା ।

ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ବ୍ୟକ୍ତ କଲେ (ଫେବୃଆରୀ 2023) ଯେ, ବିଶେଷଜ୍ଞ ଡାକ୍ତରଙ୍କ ଖାଲି ପଦବୀ ପୂରଣ ପାଇଁ ନିରନ୍ତର ପଦକ୍ଷେପ ନିଆଯାଉଛି ।

### 2.4.1 ଏସ୍‌ଏନ୍‌ସିୟୁରେ ମାନବ ସମ୍ବଳ

ଆଇପିଏଚ୍‌ଏସ୍ ମାର୍ଗଦର୍ଶିକାରେ 12 ଶଯ୍ୟା ବିଶିଷ୍ଟ ଏସ୍‌ଏନ୍‌ସିୟୁରେ ଚାରିଜଣ ମେଡିକାଲ୍ ଅଫିସର, 21 ଜଣ ନର୍ସ, 4 ଜଣ ନର୍ସିଂ ସୁପରଭାଇଜର ଏବଂ 8 ଜଣ ନବଜାତକ ସହାୟକ/ ଯଶୋଦା/ ମମତାଙ୍କୁ ଲେଖାଯାଇଛି । ଏହା ବ୍ୟତୀତ ଲାବୋରେଟୋରୀ ଟେକ୍ନିସିଆନ, ଡାଟା ଏଣ୍ଟ୍ରି ଅପରେଟର ଏବଂ ଗ୍ରୁପ୍ ଡି କର୍ମଚାରୀମାନେ ଏସ୍‌ଏନ୍‌ସିୟୁ ପାଇଁ ଉପଲବ୍ଧ ହେବା ଆବଶ୍ୟକ ।

---

[27] ଓଏଣ୍ଡଜି ବିଶେଷଜ୍ଞ: ବାସୁଦେବପୁର, ଲହୁଣୀପଡ଼ା, ଖରିଆର ରୋଡ଼, ନିମାପଡ଼ା ଏବଂ ପାପଡ଼ାହାଣ୍ଡି

[28] Paeditricians: ବାସୁଦେବପୁର, କୁଆଁରମୁଣ୍ଡା, ପାପାଡ଼ାହାଣ୍ଡି ଏବଂ ନିମାପଡ଼ା

ପରୀକ୍ଷା ଯାଞ୍ଚ ଡିଏଚ୍ଏଚ୍ ଗୁଡ଼ିକର ଏସ୍ଏନ୍ସିୟୁ ଗୁଡ଼ିକରେ ମାନବ ସମ୍ବଳର ଘୋର ଅଭାବ ଅଡିଟ୍ ଲକ୍ଷ୍ୟ କରିଥିଲେ । ମାର୍ଚ୍ଚ 2022 ସୁଦ୍ଧା ପରୀକ୍ଷା ଯାଞ୍ଚ ଡିଏଚ୍ଏଚ୍ ଗୁଡ଼ିକର ଏସଏନସିୟୁ ଗୁଡ଼ିକରେ ଉପଲବ୍ଧ ମାନବସମ୍ବଳର ବିବରଣୀ **ସାରଣୀ 2.11** ରେ ଦର୍ଶାଯାଇଛି ।

**ସାରଣୀ 2.11: ମାର୍ଚ୍ଚ 2022 ସୁଦ୍ଧା ପରୀକ୍ଷା ଯାଞ୍ଚ ଡିଏଚ୍ଏଚ୍ ଗୁଡ଼ିକର ଏସଏନସିୟୁରେ ଉପଲବ୍ଧ କର୍ମଚାରୀ**

| ମାନବ ସମ୍ବଳ | ଆବଶ୍ୟକତା | ପରୀକ୍ଷା ଯାଞ୍ଚ ହୋଇଥିବା ଡିଏଚ୍ଏଚ୍ ଗୁଡ଼ିକରେ ଉପଲବ୍ଧତା | | | | | | |
|---|---|---|---|---|---|---|---|---|
| | | ଭଦ୍ରକ | ଢେଙ୍କାନାଳ | କନ୍ଧମାଳ | ନବରଙ୍ଗପୁର | ନୂଆପଡ଼ା | ପୁରୀ | ସୁନ୍ଦରଗଡ଼ |
| ସ୍ୱାସ୍ଥ୍ୟ ଅଧିକାରୀ | 4 | 0 | 2 | 1 | 0 | 1 | 4 | 5 |
| ଶିଶୁ ରୋଗ ବିଶେଷଜ୍ଞ | 1 | 1 | 2 | 0 | 2 | 0 | 3 | 2 |
| ଷ୍ଟାଫ୍ ନର୍ସ | 21 | 8 | 7 | 12 | 7 | 11 | 10 | 11 |
| ନର୍ସିଂ ସୁପରଭାଇଜର | 4 | 0 | 2 | 0 | 1 | 1 | 0 | 1 |
| ନବଜାତକ ସାହାଯ୍ୟକାରୀ | 8 | 0 | 0 | 0 | 4 | 0 | 0 | 0 |
| ଲ୍ୟାବ୍ ଟେକ୍ନିସିଆନ | 1 | 0 | 0 | 0 | 0 | 0 | 0 | 0 |
| ଡିଇଓ | 1 | 1 | 1 | 1 | 1 | 0 | 1 | 1 |
| ଚତୁର୍ଥ ଶ୍ରେଣୀ କର୍ମଚାରୀ | 2 ସିଫ୍ଟ ପ୍ରତି | 1 | 4 | 5 | 4 | 7 | 5 | 4 |

***(ଉତ୍ସ: ପରୀକ୍ଷା ଯାଞ୍ଚ ଡିଏଚଏଚ୍‌ଗୁଡ଼ିକରୁ ପ୍ରାପ୍ତ ତଥ୍ୟ)***
***(ଲାଲ ରଙ୍ଗ: ମାନବ ଶକ୍ତିର ଅଭାବ; ସବୁଜ ରଙ୍ଗ; ଅଭାବ ନାହିଁ)***

ସାରଣୀ **2.11** ରୁ ଲକ୍ଷ୍ୟ କରାଯାଏ ଯେ, କୌଣସି ପରୀକ୍ଷା ଯାଞ୍ଚ ଡିଏଚ୍ଏଚ୍‌ରେ ପର୍ଯ୍ୟାପ୍ତ ମାନବ ସମ୍ବଳ ଉପଲବ୍ଧ ନଥିଲା ।

- ଦୁଇଟି ଡିଏଚ୍ଏଚ୍ (ଭଦ୍ରକ ଏବଂ ନବରଙ୍ଗପୁର) ରେ ଉତ୍ସର୍ଗୀକୃତ ଏମ୍ଓ ଉପଲବ୍ଧ ନଥିବା ବେଳେ, ଡିଏଚ୍ଏଚ୍ କନ୍ଧମାଳ ଓ ନୂଆପଡ଼ାରେ ଜଣେ ଲେଖାଏଁ ଏମ୍ଓ ଉପଲବ୍ଧ ଥିଲେ । ଉପଲବ୍ଧ ଶିଶୁରୋଗ ବିଶେଷଜ୍ଞମାନେ ଏସ୍ଏନ୍ସିୟୁ ଗୁଡ଼ିକର ଯତ୍ନ ନେବା ସହିତ ଶିଶୁ ୱାର୍ଡ ମଧ୍ୟ ଦେଖୁଥିଲେ ।
- ପରୀକ୍ଷା ଯାଞ୍ଚ ଡିଏଚ୍ଏଚ୍ ଗୁଡ଼ିକର ଏସ୍ଏନ୍ସିୟୁ ଗୁଡ଼ିକରେ ନର୍ସିଂ ସୁପରଭାଇଜର ଏବଂ ଷ୍ଟାଫ୍ ନର୍ସଙ୍କ ସଂଖ୍ୟା ପର୍ଯ୍ୟାପ୍ତ ନଥିଲା ।
- କୌଣସି ଏସଏନ୍ସିୟୁରେ ଲାବୋରେଟୋରୀ ଟେକ୍ନିସିଆନ ଉପଲବ୍ଧ ନଥିଲେ । ଡାକ୍ତରଖାନାଗୁଡ଼ିକର ଏକୀକୃତ ଲାବୋରେଟୋରୀରେ ଲାବୋରେଟୋରୀ/ ପାଥୋଲୋଜିକାଲ୍ ପରୀକ୍ଷା କରାଯାଉଥିଲା । ନବଜାତକ ସହାୟକମାନେ କେବଳ ଡିଏଚ୍ଏଚ୍, ନବରଙ୍ଗପୁରରେ ଉପଲବ୍ଧ ଥିଲେ ।

ଏହିପରି, ପରୀକ୍ଷା ଯାଞ୍ଚ ଡିଏଚ୍ଏଚ୍ ଗୁଡ଼ିକର ଏସଏନ୍ସିୟୁ ଗୁଡ଼ିକରେ ରୋଗୀ ଭାର ଅନୁଯାୟୀ ନିଶ୍ଚିତ ନବଜାତକ ସେବା ଯୋଗାଇବା ପାଇଁ ପର୍ଯ୍ୟାପ୍ତ କର୍ମଚାରୀ ନଥିଲେ ।

ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ବ୍ୟକ୍ତ କଲେ (ଫେବୃଆରୀ 2023) ଯେ, ଏସଏନ୍ସିୟୁ ପାଇଁ ଶିଶୁ ବିଶେଷଜ୍ଞଙ୍କ ଅଭାବ ହେତୁ ଏସ୍ଏନ୍ସିୟୁ ସେବା ଯୋଗାଇବା ପାଇଁ ଉପଲବ୍ଧ ଏମ୍ଓମାନଙ୍କୁ ତାଲିମ୍ ଦିଆଯାଉଥିଲା ।

## 2.5 ଓଡ଼ିଶା ରକ୍ତ କେନ୍ଦ୍ର ପାଇଁ ମାନବ ସମ୍ବଳ

ଭାରତ ସରକାରଙ୍କ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟର ବିଶେଷଜ୍ଞ କାର୍ଯ୍ୟକାରୀ ଗୋଷ୍ଠୀର[29] ସୁପାରିଶ ଅନୁଯାୟୀ ରକ୍ତ ୟୁନିଟ୍ ସଂଗ୍ରହ ଭିତ୍ତିରେ ରକ୍ତ କେନ୍ଦ୍ର ଗୁଡ଼ିକର କର୍ମଚାରୀ ଢାଞ୍ଚା **ସାରଣୀ 2.12** ରେ ଦର୍ଶାଯାଇଛି ।

[29] ରକ୍ତ ଭଣ୍ଡାର ଗୁଡ଼ିକରେ ବୈଷୟିକ ମାନବ ସମ୍ବଳ ପାଇଁ ମାନଦଣ୍ଡର ସମୀକ୍ଷା ଓ ସଂଶୋଧନ କରିବାକୁ ଭାରତର ଏଚ୍ ଏବଂ ଏଫ୍‌ଡବ୍ଲ୍ୟୁ ମନ୍ତ୍ରଣାଳୟ ଦ୍ୱାରା ସ୍ୱାସ୍ଥ୍ୟ ସେବାର ମହା ନିର୍ଦ୍ଦେଶକଙ୍କ ଅଧକ୍ଷତାରେ ଗଠିତ ।

**ସାରଣୀ 2.12: ରକ୍ତ ଭଣ୍ଡାର ଗୁଡ଼ିକ ପାଇଁ କର୍ମଚାରୀ ଢାଞ୍ଚା**

| ଆବଶ୍ୟକ କର୍ମଚାରୀ | ବାର୍ଷିକ ରକ୍ତ ସଂଗ୍ରହ (ୟୁନିଟ୍ ଗୁଡ଼ିକରେ) | | | | |
|---|---|---|---|---|---|
| | 5,000 ପର୍ଯ୍ୟନ୍ତ | 10,000 ପର୍ଯ୍ୟନ୍ତ | 20,000 ପର୍ଯ୍ୟନ୍ତ | 20,000 ରୁ ଅଧିକ | 50,000 ରୁ ଅଧିକ |
| ଭାରପ୍ରାପ୍ତ ଏମ୍ଓ / ମେଡିକାଲ୍ କର୍ମଚାରୀ | 2 | 3 | 5 | 7 | 8 |
| ପରାମର୍ଶଦାତା /ସ୍ୱାସ୍ଥ୍ୟ ସାମାଜିକ କର୍ମୀ | 1 | 2 | 2 | 2 | 4 |
| ପଞ୍ଜୀକୃତ ନର୍ସ | 1 | 2 | 3 | 4 | 8 |
| ରକ୍ତ କେନ୍ଦ୍ର ଟେକ୍ନିସିଆନ୍ | 5 | 8 | 11 | 13 | 22 |
| ଲାବୋରେଟୋରୀ ଆଟେଣ୍ଡେଣ୍ଟ/ ରକ୍ଷଣାବେକ୍ଷଣ କର୍ମଚାରୀ | 1 | 3 | 4 | 4 | 8 |

*(ଉତ୍ସ: ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ, ଜିଓଆଇ)*

ଏହା ବ୍ୟତୀତ ବାହ୍ୟ ରକ୍ତ ଦାନ ଶିବିର ପାଇଁ ଅତିରିକ୍ତ କର୍ମଚାରୀ[30] ଯୋଗାଇ ଦିଆଯିବା ଉଚିତ୍ ।

ଅଡିଟ୍ ଲକ୍ଷ୍ୟ କଲେ ଯେ, ପରୀକ୍ଷା ଯାଞ୍ଚ ଛଅଟି ଡିଏଚ୍ଏଚ୍‌ର ରକ୍ତ କେନ୍ଦ୍ର (ବିସି) ରେ ଭଦ୍ରକ ଡିଏଚ୍ଏଚ୍ ବ୍ୟତୀତ ବାର୍ଷିକ ରକ୍ତ ସଂଗ୍ରହ 5,000-10,000 ୟୁନିଟ୍ ମଧ୍ୟରେ ଥିଲା ଏବଂ ଭଦ୍ରକ କ୍ଷେତ୍ରରେ ବାର୍ଷିକ 10,000 ୟୁନିଟରୁ ଅଧିକ ରକ୍ତ ସଂଗ୍ରହ କରାଯାଇଥିଲା । କିନ୍ତୁ, ପରୀକ୍ଷା ଯାଞ୍ଚ ଡିଏଚ୍ଏଚ୍ ଗୁଡ଼ିକର ରକ୍ତ କେନ୍ଦ୍ରଗୁଡ଼ିକରେ ମାନବ ସମ୍ବଳର ଅଭାବ ରହିଥିଲା, ଯାହା ନିମ୍ନରେ ଆଲୋଚନା କରାଯାଇଛି:

- ଛଅଟି ପରୀକ୍ଷା ଯାଞ୍ଚ ଡିଏଚ୍ଏଚ୍‌ର ପ୍ରତ୍ୟେକ ରକ୍ତ କେନ୍ଦ୍ରରେ (ବିସି) 3 ରୁ 5 ଜଣ ମେଡିକାଲ୍ ଅଫିସର (ଏମ୍ଓ)ଙ୍କ ଆବଶ୍ୟକତା ବିପକ୍ଷରେ, କେବଳ ଜଣେ ମେଡିକାଲ୍ ଅଫିସର କାର୍ଯ୍ୟରତ ଥିଲେ ଏବଂ ଡିଏଚ୍ଏଚ୍, ପୁରୀରେ ଦୁଇଜଣ ମେଡିକାଲ୍ ଅଫିସର ଥିଲେ ।
- ଛଅଟି ପରୀକ୍ଷା ଯାଞ୍ଚ କେନ୍ଦ୍ରର କେବଳ ଦୁଇଟି ରକ୍ତ କେନ୍ଦ୍ରରେ (ଡିଏଚ୍ଏଚ୍, ଭଦ୍ରକ ଏବଂ ସୁନ୍ଦରଗଡ଼ରେ) ଦୁଇଜଣଙ୍କ ଆବଶ୍ୟକତା ବିପକ୍ଷରେ ଜଣେ ପରାମର୍ଶଦାତା/ ମେଡିକାଲ୍ ସାମାଜିକ କର୍ମୀ ଥିବାବେଳେ ଅନ୍ୟ ଡିଏଚ୍ଏଚ୍ ଗୁଡ଼ିକର ରକ୍ତ କେନ୍ଦ୍ରରେ କୌଣସି ପରାମର୍ଶଦାତା ନଥିଲେ ।
- ଭଦ୍ରକ ଏବଂ ନବରଙ୍ଗପୁରରେ ଥିବା ରକ୍ତ କେନ୍ଦ୍ରରେ କୌଣସି ପଞ୍ଜୀକୃତ ନର୍ସ ନଥିଲେ ।
- ପରୀକ୍ଷା ଯାଞ୍ଚ ଡିଏଚ୍ଏଚ୍ ଗୁଡ଼ିକର 3 ରୁ 7 ରକ୍ତ କେନ୍ଦ୍ରରେ ଟେକ୍ନିସିଆନଙ୍କ ଅଭାବ[31] ଥିଲା ।

ରକ୍ତ କେନ୍ଦ୍ରରେ ଆବଶ୍ୟକ ମାନବ ସମ୍ବଳର ଅଭାବ/ ଅନୁପସ୍ଥିତି, ସଂପୃକ୍ତ ଡାକ୍ତରଖାନାଗୁଡ଼ିକରେ ରକ୍ତ କେନ୍ଦ୍ରରେ କାର୍ଯ୍ୟରେ ବାଧା ସୃଷ୍ଟି କରିବା ସହିତ ରକ୍ତଦାନ ଶିବିରର ସଞ୍ଚାଳନରେ ବାଧା ସୃଷ୍ଟ କରିଥାଏ ।

ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ବ୍ୟକ୍ତ କଲେ (ଫେବୃଆରୀ 2023) ଯେ, ରକ୍ତ କେନ୍ଦ୍ରରେ ମାନବ ସମ୍ବଳ ନିଯୁକ୍ତି ପାଇଁ ସରକାରଙ୍କୁ ପ୍ରସ୍ତାବ ଦେବା ପାଇଁ ସଂପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯିବ ।

## 2.6 ପୋଷଣ ମୂଲ୍ୟାଙ୍କନ ପାଇଁ ମାନବ ସମ୍ବଳ

କାୟାକଳ୍ପ ମାର୍ଗଦର୍ଶିକା[32] ଅନୁଯାୟୀ, ରୋଗୀର ସୁସ୍ଥତା ପାଇଁ ଖାଦ୍ୟର ଗୁଣବତ୍ତା ଏବଂ ପରିମାଣ ହେଉଛି ମୁଖ୍ୟ ଉପାଦାନ । ଆଇପିଏଚ୍ଏସ୍ / ଏନ୍ଏମ୍‌ସି ମାର୍ଗଦର୍ଶିକାରେ ଡିଏଚ୍ଏଚ୍‌ଗୁଡ଼ିକରେ ଏବଂ ଏମ୍‌ସିଏଚ୍‌ରେ ଆହାର ବିଶେଷଜ୍ଞଙ୍କ ଉପଲବ୍ଧତା ବିଷୟ ଉଲ୍ଲେଖିତ । ତେଣୁ, ସ୍ୱାସ୍ଥ୍ୟ ସେବା ପ୍ରଦାନରେ ଉଚ୍ଚମାନର ଖାଦ୍ୟ ସ୍ୱଚ୍ଛତା ବଜାୟ ରଖିବା ଉଚିତ୍ ।

---

30 ସ୍ୱାସ୍ଥ୍ୟ କର୍ମଚାରୀ:1; ପରାମର୍ଶଦାତା: 2; ପଞ୍ଜୀକୃତ ନର୍ସ: 2; ରକ୍ତ କେନ୍ଦ୍ର ଟେକ୍ନିସିଆନ୍: 3; ଆଟେଣ୍ଡାଣ୍ଟ:2

31 ଭଦ୍ରକ:7; ଢେଙ୍କାନାଳ:3; କନ୍ଧମାଳ:3; ନବରଙ୍ଗପୁର:4; ନୂଆପଡ଼ା:3; ପୁରୀ:3; ସୁନ୍ଦରଗଡ଼:4

32 ଭାରତ ସରକାରଙ୍କ ଡିଏଚ୍ଏଚ୍ ଏବଂ ଏଫ୍‌ଡବ୍ଲୁ ମନ୍ତ୍ରାଳୟ ଦ୍ୱାରା (ସାଧାରଣ ସ୍ୱାସ୍ଥ୍ୟ ସେବା ପ୍ରତିଷ୍ଠାନ ଗୁଡ଼ିକରେ) ସ୍ୱଚ୍ଛତା ପରିଚ୍ଛନ୍ନତା ଓ ସଂକ୍ରମଣ ନିୟନ୍ତ୍ରଣ କାର୍ଯ୍ୟରେ ଉନ୍ନତି ପାଇଁ ଜାରି କରାଯାଇଥିବା ( ମଇ 2015) ମାର୍ଗଦର୍ଶିକା

ଅଡିଟ୍ ଲକ୍ଷ୍ୟ କଲେ ଯେ, ଆଉଟସୋର୍ସିଂ ଏଜେନ୍ସି ମାଧ୍ୟମରେ ପରୀକ୍ଷା ଯାଞ୍ଚ ଡିଏଚ୍‌ଏଚ୍/ ଏମ୍‌ସିଏଚ୍ ଗୁଡ଼ିକରେ ଆହାର ସେବା ଯୋଗାଇ ଦିଆଯାଉଥିଲା । ପରୀକ୍ଷା ଯାଞ୍ଚ ଡିଏଚ୍‌ଏଚ୍ ଗୁଡ଼ିକରେ ଆହାର ବିଶେଷଜ୍ଞଙ୍କ କୌଣସି ପଦବୀକୁ ରାଜ୍ୟ ସରକାର ଅନୁମୋଦନ କରିନଥିଲେ । ପରୀକ୍ଷା ଯାଞ୍ଚ ଏମ୍‌ସିଏଚ୍ ଗୁଡ଼ିକରେ ମଧ୍ୟ କୌଣସି ଆହାର ବିଶେଷଜ୍ଞ ଉପଲବ୍ଧ ନଥିଲେ । ଆହାର ବିଶେଷଜ୍ଞଙ୍କ ଅନୁପସ୍ଥିତି ହେତୁ ପୋଷଣ ମୂଲ୍ୟାଙ୍କନ, ପୋଷଣ ପରାମର୍ଶ, ରୋଗୀମାନଙ୍କ ପାଇଁ କ୍ୟାଲୋରୀ ଆବଶ୍ୟକତା ସୂତ୍ର ଏବଂ ଗୁଣବତ୍ତା ଏବଂ ନିର୍ଦ୍ଦିଷ୍ଟ ଆହାର ସୂଚୀକୁ ପାଳନ କରିବା ସମ୍ପର୍କିତ ଖାଦ୍ୟ ପ୍ରମାଣପତ୍ର ଠିକ୍ ଭାବରେ ପ୍ରସ୍ତୁତ କରାଯାଉନଥିଲା । ଡିଏଚ୍‌ଏଚ୍/ ଏମ୍‌ସିଏଚ୍ ଗୁଡ଼ିକରୁ ପଦବୀଧାରୀ କର୍ମଚାରୀମାନେ ଖାଦ୍ୟ ପରୀକ୍ଷା କରି ଗୁଣବତ୍ତା ମୂଲ୍ୟାଙ୍କନ କାର୍ଯ୍ୟ କରିବାକୁ ପଡୁଥିଲା ।

***ସୁପାରିଶ 2.1:***

**ସ୍ୱାସ୍ଥ୍ୟ କ୍ଷେତ୍ରରେ ମାନବ ସମ୍ବଳର ବ୍ୟବଧାନକୁ ଦୂର କରିବା ପାଇଁ ରାଜ୍ୟ ସରକାର ଉପଯୁକ୍ତ ପଦକ୍ଷେପ ଗ୍ରହଣ ସହିତ ରୋଗୀ ଭାର କିମ୍ବା ଜନସଂଖ୍ୟା ଭଳି ଉପଯୁକ୍ତ ମାନଦଣ୍ଡ ଆଧାରରେ ରାଜ୍ୟର ଡାକ୍ତରଖାନାଗୁଡ଼ିକରେ ମାନବ ସମ୍ବଳକୁ ଯୁକ୍ତି ସଙ୍ଗତ କରିପାରନ୍ତି ।**

**ଡାକ୍ତର, ନର୍ସ ଏବଂ ପାରାମେଡିକାଲ୍ କର୍ମଚାରୀ ମାନଙ୍କର ଠିକ୍ ସମୟରେ ନିଯୁକ୍ତିକୁ ସୁନିଶ୍ଚିତ କରିବା ପାଇଁ ସମସ୍ତ ଡାକ୍ତରଖାନାରେ ଖାଲିଥିବା ପଦବୀଗୁଡ଼ିକର ପର୍ଯ୍ୟାୟ ଭିତ୍ତିକ ସମୀକ୍ଷା କରାଯାଇପାରେ ।**